## ଭାଣପୁର ଗ୍ରାମ୍ୟ କମିଟି ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ନିମାପଡ଼ା,୧୪।୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଭାଣପୁର ଗ୍ରାମର ଗ୍ରାମଦେବତୀ ମା' ହରଚଣ୍ଡୀଙ୍କ ପୀଠରେ ୨୩ତମ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ୍ୟ କମିଟିର ସଭାପତି ତ୍ରିଲୋଚନ କରଙ୍କ ସଭାପତିତ୍ୱରେ ଆୟୋଜିତ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ,



ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥିଭାବେ ଚାରିଛକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ଅଧ୍ୟାପକ ସୁରେଶ ଚନ୍ଦ୍ର କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ନିରଞ୍ଜନ କର, କୈଳାସ ଚନ୍ଦ୍ର ତ୍ରିପାଠୀ, କ୍ଷମାନିଧି ତ୍ରିପାଠୀ, ଅବନିନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ମୁରବୀ ବ୍ରଜବନ୍ଧୁ କର, ସର୍ବେଶ୍ୱର କର, ଚନ୍ଦ୍ରଶେଖର କର, କୈଳାଶ ଚନ୍ଦ୍ର କର, କୈଳାଶ ଚନ୍ଦ୍ର ଦାଶ, ହୃଦାନନ୍ଦ କର, ବ୍ରଜବନ୍ଧୁ କର, ରବୀନ୍ଦ୍ରନାଥ କର, ଗଙ୍ଗାଧର କର, ନିତ୍ୟାନନ୍ଦ ଦାଶ, ରମେଶ କର, ଅମରେଶ୍ୱର କର, ରତ୍ନାକର କର, ପ୍ରସନ୍ନ କରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ପରିଶେଷରେ ସୁବାସ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କୋଣାର୍କ,୧୪।୧(ସମିସ): କୋଣାର୍କସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ମୁଖ୍ୟ ଅତିଥି, ବିଜେପି ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଶିକ୍ଷାବିତ୍ ଚିତ୍ତରଞ୍ଜନ ପରିଡ଼ା, ସମାଜସେବୀ ସଞ୍ଜୟ ବରାଳ ଓ ପରିଚାଳନା କମିଟି ସମ୍ପାଦକ ପଞ୍ଚାନନ ବରାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ମନୋରମା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହ ସମ୍ପାଦକ ପ୍ରତାପ ରାଉତ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ପାଳିତ

ସାକ୍ଷୀଗୋପାଳ,୧୪।୧(ସମିସ): ପୁରୀ ଜିଲ୍ଲା ଶାଖା ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ଭୀମସେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ୨୦୨୩ ସମ୍ମାନିତ ମୃଦଙ୍ଗବାଦକ ଗୁରୁ କୁଳମଣି ବିଶ୍ୱାଳଙ୍କୁ ଫୁଲମାଳ ଓ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଜାତା ଦେବୀଙ୍କ ଶିଶୁ ଉପନ୍ୟାସ 'ଭାଉ' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବରାଳ ମଞ୍ଚାସୀନ ଥିଲେ। ସୁଜାତା ଦେବୀ ସଂଯୋଜନା କରିଥିଲେ। ଫକୀରମୋହନ ସେନାପତିଙ୍କ ଜୀବନୀ, ସାରସ୍ୱତ କୃତିତ୍ୱ ସମ୍ପର୍କିତ କବିତାପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହୃଷୀକେଶ ପାଢ଼ୀ, ବୈକୁଣ୍ଠ ପ୍ରଧାନ, ଦିଗମ୍ବର ରଥ, ସୁନନ୍ଦା ମହାନ୍ତି, ବିଭୂତିଭୂଷଣ ହୋତା, ଫୁଲରାଣୀ ପାଳ, ରମେଶ ଚନ୍ଦ୍ର ପଲେଇ, ସମ୍ପୂର୍ଣ୍ଣାନନ୍ଦ ମିଶ୍ର, କାଶୀନାଥ ମହାପାତ୍ର, ଡ. ହେମନ୍ତ ଛୋଟରାୟ, ବିଜୟ ପରିଡ଼ା, ବିଶାଖା ଦେବୀ, ଚୌଧୁରୀ ପ୍ରତାପ କୁମାର ସାହୁ, ବିଷ୍ଣୁମୋହନ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଜିତେନ୍ଦ୍ର ପେଣ୍ଠୋଇ, ଭବାନୀ ଶଙ୍କର ମିଶ୍ର, ବନ୍ଦନା ରାଣୀ ମିଶ୍ର ଯୋଗଦେଇଥିଲେ। ଶେଷରେ ଉପସଭାପତି ଅନାମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାତିଅଧିଆ ଖଣିଜ ସମ୍ପଦ ଲୁଟ୍

କଣାସ,୧୪।୧(ସମିସ): ରାଜ୍ୟ ସରକାର ଖଣିଜ ସମ୍ପଦ ଲୁଟ୍ ହେଉଥିବାରୁ ରୋକିବା ପାଇଁ କଡ଼ା ପଦକ୍ଷେପ ନେଉଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଗଡ଼ସାନପୁଟ ଗ୍ରାମପଞ୍ଚାୟତରେ ଥିବା ପଥର ଖଣିଗୁଡ଼ିକ ଦୀର୍ଘ ଦିନ ହେଲା ନିଲାମ ହୋଇ ନ ଥିବାରୁ ଖଣିମାଫିଆମାନେ ରାତି ଅଧରେ ଖଣିଜ ସମ୍ପଦ ଲୁଟି ନେଉଛନ୍ତି। ପଥର ଖଣିରୁ ମେସିନ୍ ସାହାଯ୍ୟରେ ପଥର କାଟି ରାତାରାତି ଟ୍ରକ୍ ଓ ଟ୍ରାକ୍ଟରରେ ଭୋର୍ ସୁଦ୍ଧା ନେଇଯାଉଥିବା ଆଖପାଖ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ, ଖଣି ବିଭାଗ ଅଧିକାରୀ ଓ ତହସିଲ୍‌ଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯାହାଦ୍ୱାରା କି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ସମସ୍ତ ସରକାରୀ ଅଧିକାରୀ ପଥର ଚୋରାଚାଲାଣ ହେଉଥିବା ଜାଣି ଅଜଣା ଭଳି ରହୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ରଘୁନାଥ ଦେବଙ୍କ ପୂଜା ସମାରୋହ

ଡେଲାଙ୍ଗ,୧୪।୧(ସମିସ): ରେଞ୍ଚ ପଞ୍ଚାୟତର ପୀଡ଼ପାଟଣା ଗ୍ରାମରେ ରଘୁନାଥ ଦେବଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମାନସିକ କରିଥିବା ଗାଁର ମହିଳା ଏବଂ ପୁରୁଷମାନେ ପ୍ରଭାତରୁ ରଘୁନାଥ ଦେବଙ୍କ ପୂଜାର୍ଚ୍ଚନା କରିଥିଲେ। ବାଳଭୋଗ, ମଧ୍ୟାହ୍ନରେ ଶଙ୍ଖୁଡ଼ି ଭୋଗ ଓ ଅପରାହ୍ଣରେ ଅଲଣା ଜାଉ ଭୋଗ ସମର୍ପଣ କରାଯାଇଥିଲା। ମାନସିକ କଲେ ଇଚ୍ଛା ପୂରଣ ହୁଏ ବୋଲି ଦୀର୍ଘ ବର୍ଷ ଧରି ଏହି ପୂଜା କରିଆସୁଥିବା ମହିଳାମାନେ ବିଶ୍ୱାସ ରଖିଛନ୍ତି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ମଧ୍ୟରେ ପ୍ରତ୍ୟେକ ରବିବାର ପୂଜାର୍ଚ୍ଚନା କରାଯାଏ ଏବଂ ମକର ସଂକ୍ରାନ୍ତି ଦିନ ଏହି ପୂଜାର ଉଦ୍‌ଯାପନୀ ତଥା ସମର୍ପଣ କରାଯିବାର ନୀତି ରହିଛି। ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ରଘୁନାଥ ଦେବଙ୍କ ପୂଜା ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମାନସିକଧାରୀ ମହିଳା ସ୍ୱର୍ଣ୍ଣମୟୀ ଜେନା, କିରଣବାଳା ଜେନା, ଦୀନମଣି ଜେନା, ରେଣୁବାଳା ଜେନା, ସ୍ୱର୍ଣ୍ଣଲତା ଜେନା, ବାଳିକା ମାନସିକଧାରୀ ଅର୍ପିତା ପ୍ରିୟଦର୍ଶିନୀ, ଅମ୍ରିତା ପ୍ରିୟଦର୍ଶିନୀ, ସୁଦେଷ୍ଣା ପାଲଟାସିଂ, ବୈଶାଖି ଜେନା, ଲିଲି ଜେନା, ଶିବାନୀ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ୍ ହେବା ସହିତ ସନ୍ଧ୍ୟାରେ ରତ୍ନଚିରା ନଦୀରେ ବିସର୍ଜନ କରି ପୂଜା ସମାପନ କରିଥିଲେ।

# ଦେବଦେବୀ ପୀଠରେ ମହକିଲା ମକର ଚାଉଳ

ସାକ୍ଷୀଗୋପାଳ,୧୪।୧(ସମିସ)

### ସାକ୍ଷୀଗୋପାଳ ମନ୍ଦିର

ବୁଧବାର ପବିତ୍ର ମକର ସଂକ୍ରାନ୍ତି। ମକର ଚାଉଳ ସୁବାସରେ ବିଭିନ୍ନ ଦେବଦେବୀ ପୀଠ ମହିଛି। ସାକ୍ଷୀଗୋପାଳ ମନ୍ଦିର ପରିସରରେ ମକର ଚାଉଳ ପ୍ରସ୍ତୁତି, ମକର ଚାଉଳ ଭୋଗ ଅର୍ପଣ, ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବମୁଖର ହୋଇଥିଲା। ସାକ୍ଷୀଗୋପାଳ ଠାକୁର ଉତ୍ତର ଭାରତରୁ ଆସିଥିବାରୁ ଉତ୍ତର ଭାରତ ପରମ୍ପରା ଅନୁଯାୟୀ, ସାକ୍ଷୀଗୋପାଳ ମନ୍ଦିରରେ ଉତ୍ତର ଭାରତ ରୀତିନୀତି ଅନୁଯାୟୀ ବର୍ଷସାରା ଠାକୁରଙ୍କୁ ଗହମରୁ ପ୍ରସ୍ତୁତ ସାମଗ୍ରୀ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ। କେବଳ ଆଜି ଗୋଟିଏ ଦିନ ଅରୁଆ ଚାଉଳରେ ପ୍ରସ୍ତୁତ ମକର ଚାଉଳ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ। ମଙ୍ଗଳବାର ମହାଲକ୍ଷ୍ମୀଙ୍କ ପିତ୍ରାଳୟ ବସନ୍ତପୁର ଗ୍ରାମରୁ ଓଳିଆରେ ଆସିଥିବା ମକର ସାମଗ୍ରୀରେ ମକର ଚାଉଳ ପ୍ରସ୍ତୁତ କରି ଦ୍ୱିପହର ଧୂପରେ ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ମକର ବେଢ଼ା ପରିକ୍ରମା, ଆଳତି ଓ ଉପଚାର ଅନୁଷ୍ଠିତ ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ାରେ ଅରୁଆ ଚାଉଳରେ ଦୁଗ୍ଧ, ଚିନି, ଦେଶୀ କମଳା, ଅଳେଇଚ, ଗୁଜୁରାତି, ନଡ଼ିଆ, ଛେନା ବିଭିନ୍ନ ପ୍ରକାର ଫଳ, ଖୁଆ ଓ ମୁଆଁ, କାଜୁ, କିସ୍‌ମିସ୍ ଓ ଲବଙ୍ଗ ଆଦି ସାମଗ୍ରୀ ମିଶ୍ରଣ କରି ପ୍ରସ୍ତୁତ ମକର ଚାଉଳ ଠାକୁରଙ୍କୁ ଅର୍ପଣ କରିଥିଲେ। ମକର ଚାଉଳ ସୁବାସରେ ମନ୍ଦିର ପରିସର ମହକି ଉଠିଥିଲା।





ହଜାର ହଜାର ଭକ୍ତଙ୍କ ସମାଗମରେ ମନ୍ଦିର ପରିସର ଓ ଚତୁଃପାର୍ଶ୍ୱ ଉତ୍ସବମୁଖର ହୋଇଥିଲା।

### ମା' ମଙ୍ଗଳା ମନ୍ଦିର

କୁଣ୍ଢେଇ: କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ମକରବେଢ଼ା ନୀତି (ମକରପର୍ବ) ମହାସମାରୋହରେ ପାଳିତ ହୋଇଯାଇଛି। ଅପରାହ୍ଣରେ ମନ୍ଦିର ପହୁଡ଼ ଖୋଲିବା ପରେ ପୂଜାପଣ୍ଡା ସେବକ ଶରତ କୁମାର ଦୀକ୍ଷିତ ମା'ଙ୍କ ନିକଟରେ ଲାଗି ହୋଇଥିବା ୩ଟି ମକର ଚୂଳକୁ ପର୍ଯ୍ୟାୟ କ୍ରମେ ତିନିଥର ଧରି ସେବାୟତମାନଙ୍କ ଦ୍ୱାରା ଘଣ୍ଟ, ଘଣ୍ଟା, ଛତ୍ରି, ଆଲଟ, ଚାମର ନେଇ ଶୋଭାଯାତ୍ରାରେ ମନ୍ଦିର ପରିକ୍ରମା କରିବା ପରେ ମକର ଚାଉଳ ଧୂପନୀତି ଅନୁଷ୍ଠିତ ହୋଇଥିଲା। ସେବାୟତମାନେ ନୂଆ ଅରୁଆ ଚାଉଳ, ଛେନା, କଦଳୀ, ଅଦା, ଗୁଡ଼, ଚିନି, ଫଳମୂଳ, କାଜୁ, କିସ୍‌ମିସ୍, ମସଲା ଆଦି ଦ୍ରବ୍ୟ ପକାଇ ମକର ଚାଉଳ ପ୍ରସ୍ତୁତ କରି ମା'ଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରିଥିଲେ। ସେବାୟତମାନଙ୍କ ମଧ୍ୟରେ କମଳ ଲୋଚନ ଦୀକ୍ଷିତ, ନଳିନୀକାନ୍ତ ଦୀକ୍ଷିତ, ତାପସ ଦୀକ୍ଷିତ, ସୁବାସ ଦୀକ୍ଷିତ, ପୀତବାସ ଦୀକ୍ଷିତ, ଦେବରାଜ ଦୀକ୍ଷିତ, ମାନସ ଦୀକ୍ଷିତ ଆଦି ମକର ବେଢ଼ା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିର ପ୍ରଶାସନ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ମକର ଚାଉଳ ପ୍ରସ୍ତୁତ କରି ତାକୁ ଭୋଗ କରାଯାଇ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ମା'ଙ୍କ ଏହି ପ୍ରସାଦ ପାଇବା ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

### ଗମ୍ଭାରୀପଦା

ପୌରାଣିକ ଆସ୍ଥାର ନିଦର୍ଶନ ଦେଖିବାକୁ ମିଳିଛି ପ୍ରାଚୀ ତଟରେ ପ୍ରତିଷ୍ଠିତ ମାଧବାନନ୍ଦଙ୍କ ମନ୍ଦିରରେ। କାକଟପୁର ବ୍ଲକ୍ ଅନ୍ତର୍ଗତ କଣ୍ଠାପଡ଼ା ଗ୍ରାମପଞ୍ଚାୟତ ଅଧୀନରେ ଥିବା ପ୍ରଭୁ ଶ୍ରୀଶ୍ରୀ ବିଷ୍ଣୁ ରୂପେ ପୂଜିତ ମାଧବାନନ୍ଦଙ୍କ ମନ୍ଦିରରେ ରାଜ୍ୟର ଦୂରଦୂରାନ୍ତରୁ ବହୁ ମାନସିକଧାରୀଙ୍କ ଗହଳି ହୋଇଥିଲା। ଲୋକ ମୁଖରେ ବିଶ୍ୱାସ ଅଛି କି ଅସାଧ ଶ୍ୱାସ ରୋଗର ନିଦାନକାରୀ ରୂପେ ଶ୍ରୀ ବିଷ୍ଣୁ ଏଠାରେ ମାଧବାନନ୍ଦଙ୍କ ରୂପରେ ପୂଜିତ ହୋଇ ଭକ୍ତମାନଙ୍କ ମନସ୍କାମନା ପୂରଣ କରନ୍ତି। ସେହିପରି ପତି ସାହି ସନ୍ନିକଟରେ ମକର ଲଗ୍ନରେ ପ୍ରତିଷ୍ଠିତ ସତ୍ୟ ମହାବୀର ମନ୍ଦିରରେ ପ୍ରାତଃ ସମୟରୁ ଭକ୍ତମାନେ ମହାବୀରଙ୍କୁ ଦର୍ଶନ କରିଛନ୍ତି। କନ୍ଦଳପୁରସ୍ଥ ମା' ନାରାୟଣୀ ମନ୍ଦିର, କଣିହାଁ ମହାବୀର ମନ୍ଦିର ସମେତ କାକଟପୁର ବ୍ଲକ୍‌ର ସମସ୍ତ ଦେବଦେବୀ ପୀଠରେ ବହୁ ଆଡ଼ମ୍ବର ସହକାରେ ମକର ବୁଡ଼ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି।

## ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ମକର ବେଢ଼ା ପରିକ୍ରମା

ନୟାହାଟ,୧୪।୧(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ବୁଧବାର ପବିତ୍ର ମକର ବେଢ଼ା ପରିକ୍ରମା ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଆଶ୍ରମରେ ଥିବା ପ୍ରାୟ ୧୫ଟି ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତ ଦେବଦେବୀଙ୍କୁ ମକର ଭୋଗ ଲାଗି କରାଯାଇଥିଲା। ଶହଶହ ଭକ୍ତ ଓ ଶ୍ରଦ୍ଧାଳୁ ଆଶ୍ରମ ଆସି ଦର୍ଶନ କରିଥିଲେ। ଅପରାହ୍ଣ ୪ଟା ବେଳକୁ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀ ବିଗ୍ରହ ଓ ପାଦୁକା ଆସନ୍ନ ମନ୍ଦିରରୁ ହୁଳହୁଳି, ଶଙ୍ଖ ଧ୍ୱନି, ମହାମନ୍ତ୍ର ଓଁ ଗାନ କରାଯାଇ ପୁଷ୍ପ ସୁସଜ୍ଜିତ ରଥରେ ଆମନ୍ତ୍ରଣ କରାଯାଇଥିଲା। ଏହି ପରିକ୍ରମା ଦଳ ପ୍ରାୟ ୮ କି.ମି. ପଥ ଅତିକ୍ରମ କରି ବାଟରେ ଗୋପୀଦାସ ମଠ, ବାଟ ମଙ୍ଗଳା, ମାଧବାନନ୍ଦ, ମା' ଚର୍ଚ୍ଚିକା, ଈଶାନେଶ୍ୱର, ବୀରସିଂହଗାଦି, ବାସୁଦେବ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ମା' ବିଶେଶ୍ୱରି, ଅନନ୍ତ ବଟ, ମା' ପୂର୍ଣ୍ଣେଶ୍ୱରୀ ପ୍ରମୁଖ ଦେବ ସ୍ଥାନକୁ ଶ୍ରୀ ଗୁରୁଦେବ ଦର୍ଶନ କରିଥିଲେ। ପ୍ରତ୍ୟେକ ଗ୍ରାମରେ ମା', ଭଉଣୀମାନେ ଘର ସମ୍ମୁଖରେ ଦୀପ ଜାଳି ଗୁରୁଦେବଙ୍କୁ ଦର୍ଶନ କରିଥିଲେ। ଅନ୍ତେବାସୀ ତଥା ଶ୍ରଦ୍ଧାଳୁମାନେ ସେବିକା ସବିତା ଦାସ, ଶକୁନ୍ତଳା ଦାଶ, ଅନୁ ମା', ବାସନ୍ତୀ ମା', ଶାନ୍ତି ମା', ମିନା ମା', ହର୍ଷ ମା', ଚୁମୁକି ମା', ଲବଙ୍ଗ ମା', ଝରଣା ମା' ପ୍ରମୁଖ ମକର ପରିକ୍ରମା ଗୀତ ଗାଇଥିଲେ। ସେବକ ପ୍ରୀତି ରଞ୍ଜନ ଦାସ, ଡ. ରତ୍ନାକର ମହାନ୍ତି, ମହେଶ ସାହୁ, କୃଷ୍ଣ ଚନ୍ଦ୍ର ଓଝା, ନୀଳମଣି ସାହୁ, ରମେଶ ବିଟି, ଅନାମ ଭାଇ, ଚରଣ ଭାଇ, ଲିକୁ ଭାଇ, ବିଜୁ ଭାଇ, ସୁରେଶ ଭାଇ, ଧୋବେଇ ଭାଇ, ଟୁଲୁ ଭାଇ, ମିକା ଭାଇ ଓ ରବିନ୍ଦ୍ର ଦାସଙ୍କ ସମେତ ବହୁ ଭକ୍ତ ଏହି ପରିକ୍ରମାରେ ଭାଗ ନେଇଥିଲେ।



## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଚାରିଛକ,୧୪।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ପଥରପଦାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୫ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିକ୍ଷାକେନ୍ଦ୍ରର ସଭାପତି ଦ୍ୱିଜବର ମୁଦୁଲି ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ



ଆଧ୍ୟାତ୍ମିକ ଗୁରୁ ତଥା ସମାଜ ସଂସ୍କାରକ ସାଧ୍ୱୀ ପ୍ରତିଭା ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ସମ୍ମାନିତ ଅତିଥିଭାବେ କ୍ରୀଡ଼ାବିତ୍ ନିର୍ମଳ କୁମାର ମିଶ୍ର, ଲିଙ୍କ୍ ଆଇ ହସ୍ପିଟାଲ କଟକର ନିର୍ଦ୍ଦେଶକ ଆଲୋକ ସାହୁ, ଶିକ୍ଷୟିତ୍ରୀ ମମତାମୟୀ ମିଶ୍ର, ଶିକ୍ଷାବିତ୍ କୁନି ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ରଥ, ସନ୍ଧ୍ୟାରାଣୀ ଦାଶ, ଶୁଭସ୍ମିତା ମହାନ୍ତି, ଅନିତା ସାହୁ, ସସ୍ମିତା ମିଶ୍ର, ସୁଶ୍ରୀ ସଂଗୀତା ନାୟକ, ସିପ୍ରା ଦାସ, ମମତା ଦାଶ, କବିତା ତ୍ରିପାଠୀ, ସରସ୍ୱତୀ ସାହୁ, ସରସ୍ୱତୀ ପାତ୍ର, ଶିକ୍ଷକ ଦୀପକ ଦାଶ, ମନୋଜ ଦାଶ, ଦିଲ୍ଲୀପ କୁମାର ତ୍ରିପାଠୀ, ଦିଲ୍ଲୀପ କୁମାର ରାଉତ, ଅରୁଣ ମହାନ୍ତି, କମଳ ଲୋଚନ ବାରିକ, ବିକାଶ ମହାରଣା, ଶ୍ରୀନିବାସ ବାରିକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ନିରଞ୍ଜନ ସେନ୍ ସଂଯୋଜନା କରିଥିବାବେଳେ ଶିକ୍ଷକ ବନମାଳୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

● ଚୋରକୁ ପୁଲିସ ଜିମାଦେଲେ ଲୋକେ

## ଗୋଟିଏ ବୁଲେଟ୍‌ରେ ଦୁଇଟି ନମ୍ବର ପ୍ଲେଟ୍

ନୟାହାଟ,୧୪।୧(ସମିସ): ବୁଧବାର ରାତି ୮ଟା ସମୟରେ ନୟାହାଟ ବଜାରରୁ ଜଣେ ଚୋରକୁ ଚୋରି ଜିନିଷ ସହ ଲୋକମାନେ ଧରି ନୟାହାଟ ଫାଣ୍ଡି ପୁଲିସ ଜିମା ଦେଇଛନ୍ତି।



ତା' ନିକଟରୁ କଳା ରଙ୍ଗର ବୁଲେଟ୍ ଜବତ କରାଯାଇଛି। ସେହି ବୁଲେଟ୍‌ର ଆଗ ନମ୍ବର ଏଚ୍‌ଆର୍ ୪୩ ସି ୦୩୧ ଓ ପଛପଟେ ଓଡି ୦୨ ୦୧୨୫ ନମ୍ବର ସହ ଏସ୍କ ଆର୍ମି ଲେଖାଅଛି। ଅଭିଯୁକ୍ତ ଜଣକ କାକଟପୁର ଥାନା ପାଟସୁନ୍ଦରପୁର ପଞ୍ଚାୟତ କଣ୍ଡରାହତା ଗ୍ରାମର ନରେନ୍ଦ୍ର ଜେନାଙ୍କ ପୁଅ ଅସିତ କୁମାର ଜେନା ବୋଲି ଜଣାପଡ଼ିଛି। ତାକୁ ନୟାହାଟ ଫାଣ୍ଡିରେ ଅଟକ ରଖାଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡିର ଯୋଗେଶ୍ୱରପୁର ବଜାରରେ ଥିବା ଯନ୍ତ୍ରପାତି ଦୋକାନୀ ଅଭୟ ଦାସଙ୍କ ଦୋକାନରୁ ନୂଆ ରେଞ୍ଚି ପ୍ୟାକେଟ୍ ଚୋରି କରି ନେଇ ପଳାଇ ଯାଉଥିବା ସମୟରେ ସିସି କ୍ୟାମେରାରୁ ଦେଖି ତା' ପିଛାକରି ନୟାହାଟ ବଜାରରୁ ଧରି ପୁଲିସ ଜିମା ଦେଇଥିଲେ।

## ଫେବୃଆରୀ ୭ରୁ ପ୍ରାଚୀ ପରିକ୍ରମା

ଚାରିଛକ,୧୪।୧(ସମିସ): ଆସନ୍ତା ଫେବୃଆରୀ ୭ରୁ ୧୫ତମ ପ୍ରାଚୀ ପରିକ୍ରମା ଆରମ୍ଭ ହେବ। ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ପଦଯାତ୍ରାରେ ଦେଶ ତଥା ଦେଶ ବାହାରୁ ବହୁ ସାଧୁସନ୍ଥ ସାମିଲ୍ ହେବାର କାର୍ଯ୍ୟକ୍ରମ ରହିଛି। ୭ରୁ ଅଡ଼ଶପୁର ନିକଟସ୍ଥ ଅନ୍ଧ ମୁନିଙ୍କ ତପସ୍ଥଳ କପିଳେଶ୍ୱରଙ୍କ ନିକଟରୁ ଆରମ୍ଭ ହୋଇ ଅସ୍ତରଙ୍ଗ କେଲୁଳି ମୁହାଣରେ ପହଞ୍ଚିବା ପରେ ପୁନର୍ବାର ସେଠାରୁ ଆସି ୧୩ ତାରିଖ ଦିନ ଅନ୍ଧ କପିଳେଶ୍ୱରଙ୍କ ନିକଟରେ ପହଞ୍ଚିବା ପରେ ଉଦ୍‌ଯାପନ କରାଯିବ। ପ୍ରାଚୀନଦୀର ପୁନଃଉଦ୍ଧାର, ପ୍ରାଚୀନଦୀ ତଟରେ ଥିବା ପୁରାତନ ଐତିହ୍ୟ କୀର୍ତ୍ତିରାଜିର ପୁନଃଉଦ୍ଧାର ଏହି ପଦଯାତ୍ରାର ମୂଳଲକ୍ଷ୍ୟ ବୋଲି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜା ପ୍ରକାଶ କରିଛନ୍ତି।

## ୧୫ରୁ ନିମାପଡ଼ା ପ୍ରିମିୟର ଫୁଟ୍‌ବଲ ଲିଗ୍

ନିମାପଡ଼ା,୧୪।୧(ସମିସ): ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ଆସନ୍ତା ୧୫ ତାରିଖରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି



ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ତରଫରୁ ଜଣାଇ ଦିଆଯାଇଛି। ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ପରିସରରେ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ ସଭାପତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଧିରେନ କୁମାର ବରାଳ, ଫୁଟ୍‌ବଲ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ବରାଳ, ଭଲିବଲ୍ ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦିନ ମହାବୀର ଏଫ୍‌ସି ଓ ପ୍ରଗତୀ ଏଫ୍‌ସି, ୨ୟ ଦିନ ଲଙ୍କେଶ୍ୱରୀ ଏଫ୍‌ସି ଓ ବଜରଙ୍ଗୀ ଏଫ୍‌ସି, ୩ୟ ଦିନ ରୁଦ୍ରମ୍ବିକା ଏଫ୍‌ସି ଓ ଅମ୍ବୁଣିଆପାଟଣା ଏଫ୍‌ସି, ୪ର୍ଥ ଦିନ ପ୍ରଗତୀ ଏଫ୍‌ସି ଓ ବଜରଙ୍ଗୀ ଏଫ୍‌ସି, ୫ମ ଦିନ ମହାବୀର ଏଫ୍‌ସି ଓ ଲଙ୍କେଶ୍ୱରୀ ଏଫ୍‌ସି, ୧୯ରେ ବଜରଙ୍ଗୀ ଏଫ୍‌ସି ଓ ଅମ୍ବୁଣିଆପାଟଣା ଏଫ୍‌ସି, ଲଙ୍କେଶ୍ୱରୀ ଏଫ୍‌ସି ଓ ରୁଦ୍ରାମ୍ବିକା ଏଫ୍‌ସି, ୨୦ରେ ଅମ୍ବୁଣିଆପାଟଣା ଏଫ୍‌ସି ଓ ପ୍ରଗତୀ ଏଫ୍‌ସି, ବଜରଙ୍ଗୀ ଏଫ୍‌ସି ଓ ମହାବୀର ଏଫ୍‌ସି, ୨୧ରେ ପ୍ରଗତୀ ଏଫ୍‌ସି ଓ ଲଙ୍କେଶ୍ୱରୀ ଏଫ୍‌ସି, ରୁଦ୍ରମ୍ବିକା ଏଫ୍‌ସି ଓ ବଜରଙ୍ଗୀ ଏଫ୍‌ସି, ୨୨ରେ ଅମ୍ବୁଣିଆପାଟଣା ଏଫ୍‌ସି ଓ ମହାବୀର ଏଫ୍‌ସି, ପ୍ରଗତୀ ଏଫ୍‌ସି ଓ ରୁଦ୍ରାମ୍ବିକା ଏଫ୍‌ସି, ୨୩ରେ ମହାବୀର ଏଫ୍‌ସି ଓ ରୁଦ୍ରାମ୍ବିକା ଏଫ୍‌ସି, ଲଙ୍କେଶ୍ୱରୀ ଏଫ୍‌ସି ଓ ଅମ୍ବୁଣିଆପାଟଣା ଏଫ୍‌ସି ଏବଂ ୨୪ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ଦାଶ ପ୍ରକାଶ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋତି ସେନାପତି
ତେନ୍ତୁଳି ପାଟଣା, ଦଶପଲ୍ଲା

ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ଶୋକସନ୍ତପ୍ତ:
ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



୰ ଶୁଭଜ୍ୟୋତି ହୋତା
ଆବିର୍ଭାବ: ୨୫.୦୬.୧୯୯୩
ତିରୋଧାନ: ୦୧.୦୧.୨୦୨୬

ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଏରେକ୍ଟର - Intravenous Healthcare Pvt. Ltd., ଙ୍କର ଦୁଃଖଦ ଦେହାନ୍ତ ୧ ଜାନୁଆରୀ ୨୦୨୬ ରେ ଘଟିଛି। ଏକ Mechanical Engineer ଏବଂ MBA ହୋଇ, ସେ ତାଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥାରେ କିଛି ପ୍ରସିଦ୍ଧ MNC ରେ କାର୍ଯ୍ୟରତ ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ଉଦ୍ୟମୀତାର ଯାତ୍ରା ଆରମ୍ଭ କରି, ନିଜ ଦକ୍ଷତା, ଦୃଢ଼ ସଙ୍କଳ୍ପ ଏବଂ ପରିଶ୍ରମରେ ନିଜ ବ୍ୟବସାୟକୁ ସ୍ଥାପନ କରିଥିଲେ। ପିତା Retd. DFO ଶ୍ରୀ ସୁରେଶ ଚନ୍ଦ୍ର ହୋତା ଏବଂ ପ୍ରିୟଜନମାନେ ତାଙ୍କ ଅପରାହ୍ନକୁ ଅପୂରଣୀୟ ହାନି ବୋଲି ମନୁଅଛନ୍ତି। ଅତ୍ୟନ୍ତ ଅଳ୍ପ ବୟସରେ ଅକାଳ ବିୟୋଗ କରିଥିଲେ ସେ, କିନ୍ତୁ ତାଙ୍କ ସଫଳତା ଓ ପାରମ୍ପରିକତା ସବୁବେଳେ ପ୍ରେରଣା ଦେବ। ତାଙ୍କ ପବିତ୍ର ଆତ୍ମା ଶାନ୍ତିଲାଭ କରୁ।

Plot no - 778/1351, Mamata, Lane 2, Durgamadhabnagar

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାସୁଦେବ ନାୟକ
ଆବିର୍ଭାବ: ୦୭.୦୮.୧୯୫୩
ତିରୋଧାନ: ୦୫.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ

ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ଜ୍ୱାଇଁ ଜୟକୃଷ୍ଣ, ଜ୍ୱାଇଁ -ସୁନୀଲ ପୁତୁରା ଶେଷଦେବ ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ଟୁନା ବୀର, ମଦନ, ମୋହନ, ଭାଣେଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ବର୍ଗ

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ପିପିଲି,୧୪।୧(ସମିସ)




ପିପିଲି ଜଳସେଚନ ପକ୍ଷରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ପୁରୀ ଜଳସେଚନ ବିଭାଜନ ଏବଂ ନିମାପଡ଼ା ଜଳସେଚନ ବିଭାଜନ ସୌଜନ୍ୟରେ ବୁଧବାର ପିପିଲି ଜଳସେଚନ ଉପବିଭାଜନ ଅଧୀନ ନୂଆଶାସନ ପଞ୍ଚାୟତର ଶ୍ରୀକଣ୍ଠପୁରସ୍ଥିତ ଆପେକ୍ସ ବିଲ୍ଡିଂ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ପୁରୀ ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେନ୍, ନିମାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ୍ ଚରଣ ପୋଥଲ, ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଭୁବନେଶ୍ୱର କାଡ଼ାର ନିର୍ବାହୀଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା, ପିପିଲି ଏସ୍‌ଡିଓ ବିଚିତ୍ରାନନ୍ଦ ମାଝୀ, ସାଂସଦ ପ୍ରତିନିଧି ସୁକାନ୍ତ ଭଟ୍ଟ, ସୁଧୀର ନାୟକ ପ୍ରମୁଖ ଯୋଗଦେଇଥିଲେ। ପାଣି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ପଞ୍ଚାୟତସ୍ତରୀୟ ବୈଠକ କରି କେନାଲର ତଳ ମୁଣ୍ଡକୁ ପାଣି କିପରି ଯିବ ଏବଂ ଚାଷୀମାନଙ୍କର ସମସ୍ୟାଗୁଡ଼ିକୁ ଜଳସେଚନ ବିଭାଗ କର୍ମଚାରୀମାନଙ୍କ ସହଯୋଗରେ କାର୍ଯ୍ୟ ଆଗେଇନେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଶୁକଳ ଏବଂ ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରୀରେ ଲାଇନିଙ୍ଗ୍ କାର୍ଯ୍ୟ ଚାଲିଥିବାରୁ ଜଳଯୋଗାଣ ବନ୍ଦ ରହିବ। ତେଣୁ ଶୁକଳ ନଡ଼ାଖଣ୍ଡକୁ ରବି ଧାନ ଚାଷକୁ କିପରି ଜଳଯୋଗାଣ ହୋଇପାରିବ ସେଥିପାଇଁ ପିପିଲି ୨୫ନମ୍ବର ପାଣି ପଞ୍ଚାୟତର ସଭାପତି ସଦାଶିବ ଦାଶଙ୍କ ସହିତ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଆଲୋଚନା କରି ତା'ର ବ୍ୟବସ୍ଥା କରିବାକୁ କହିଥିଲେ। ମଞ୍ଚ ପରିଚାଳନା କରିଥିଲେ ନିରଞ୍ଜନ ପଳତା। ନିମାପଡ଼ାର ପତିତପାବନ କଳା ପରିଷଦର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନଟରାଜ ଡ୍ୟାନ୍ସ ଗ୍ରୁପ୍ ନିମାପଡ଼ାର ଗୁରୁ କାର୍ତ୍ତିକଙ୍କ ନିର୍ଦ୍ଦେଶନାରେ ଡ୍ୟାନ୍ସ କରିଥିଲେ। ଜିଲ୍ଲାସ୍ତରୀୟ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପିପିଲି ଜଳସେଚନ ବିଭାଗ ଜେଇ ତପନ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ମିଳିନି ୧୦ ମାସର ଦରମା; ଇସିଜି ସେବା ବନ୍ଦ

# କର୍ମଚାରୀଙ୍କ ଏତଲା, ଯୋଗ ଶିକ୍ଷକଙ୍କ ନାମରେ ମାମଲା

ନୟାଗଡ଼,୧୪ା୧(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି ଦଲାଲରାଜ। ଠିକାସଂସ୍ଥା ଜରିଆରେ କିଛି ଦଲାଲ ନିଜକୁ ସର୍ବେସର୍ବା ମନେ କରୁଛନ୍ତି। ଯେଉଁଥିପାଇଁ କର୍ମଚାରୀମାନେ ମାସ ଧରି ଦରମା ପାଉନାହାନ୍ତି। ଦରମା ନ ପାଇବା କାରଣରୁ ଦୁଇଦିନ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇସିଜି ସେବା ବନ୍ଦ ହୋଇଛି। ଏପରିକି ଠିକାସଂସ୍ଥାରେ କାର୍ଯ୍ୟରତ ସୁପରଭାଇଜର ତଥା ମ୍ୟାନେଜର କର୍ମଚାରୀଙ୍କୁ ହାତ ଉଠାଇବା ଏବଂ ଗାଳିମନ୍ଦ କରିବା ଘଟଣା ଥାନାରେ ପହଞ୍ଚିଛି। କର୍ମଚାରୀଙ୍କ ଅଭିଯୋଗ ଆଧାରରେ ମ୍ୟାନେଜର ତଥା ଯୋଗ ଶିକ୍ଷକ ଶରତ ପ୍ରଧାନଙ୍କ ନାମରେ ମାମଲା ରୁଜୁ ହୋଇଛି।




ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଠିକାସଂସ୍ଥାକୁ ଆୟୁଧ କରି ଦଲାଲରାଜ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। କର୍ମଚାରୀ ନିଯୁକ୍ତି, ସଫେଇ, ସୁରକ୍ଷା କର୍ମୀ ନିଯୁକ୍ତିରେ ବ୍ୟାପକ ଘୋଟାଲା କରାଯାଉଛି। କିଛି ଦଲାଲ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି କର୍ମଚାରୀଙ୍କୁ ଠିକାସଂସ୍ଥା ଜରିଆରେ ନିଯୁକ୍ତି କରାଇବା ପରେ ଦରମା ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। ଗଞ୍ଜାମ ମ୍ୟାନପାୱାର ଆଣ୍ଡ ସିକ୍ୟୁରିଟ୍ ସର୍ଭିସ ଠିକା ସଂସ୍ଥାରେ କାର୍ଯ୍ୟରତ ୩ ଜଣ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ କରାଯାଉନାହିଁ। ଗଞ୍ଜାମ ମ୍ୟାନ ପାୱାର ଆଣ୍ଡ ସିକ୍ୟୁରିଟ୍ ସର୍ଭିସର ସ୍ଥାନୀୟ ମ୍ୟାନେଜର ଶରତ ପ୍ରଧାନ ଏହି କେଳେଙ୍କାରୀ କରିଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଲିଜା ମାଝୀ, ଦେବାଶିଷ ମହାପାତ୍ର, ବ୍ରହ୍ମାନନ୍ଦ ରାଉତଙ୍କ ଦରମା ମିଳି ନ ଥିବା ଅଭିଯୋଗ ହୋଇଛି। ଏହି କର୍ମଚାରୀମାନେ ଇସିଜି ଦାୟିତ୍ୱ ସହ ଅନ୍ୟ କାର୍ଯ୍ୟରେ ବି ନିୟୋଜିତ ହେଉଥିଲେ। ୨୦୨୪ ଅକ୍ଟୋବରରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ଠିକାସଂସ୍ଥା ବେତନ ଦେଇ ନ ଥିବାରୁ ସେମାନେ ଦୁଇଦିନ ହେବ ଇସିଜି ସେବା ବନ୍ଦ କରିଥିଲେ। ଯାହାକୁ ନେଇ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା ଇସିଜି ସେଣ୍ଟରକୁ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ। ଉଭୟ ମ୍ୟାନେଜର ଓ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ପରେ ବକେୟା ଦରମା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସାମ୍ନାରେ ଗଞ୍ଜାମ ମ୍ୟାନପାୱାର ଆଣ୍ଡ ସିକ୍ୟୁରିଟି ସର୍ଭିସ ସ୍ଥାନୀୟ ତତ୍କାଳୀନ ମ୍ୟାନେଜର ତଥା ସେର୍ଫଟ ବର୍ତ୍ତମାନ ମ୍ୟାନେଜର ଶରତ ପ୍ରଧାନଙ୍କ ପୋଲ ଖୋଲିଯିବାରୁ ସେ ଉତକ୍ଷିପ୍ତ ହୋଇଥିବା ଜଣାପଡ଼ିଛି। କର୍ମଚାରୀଙ୍କୁ ହାତ ଉଠାଇବା ଏବଂ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏପରିକି ଜଣେ ମହିଳା କର୍ମଚାରୀଙ୍କୁ ସେ ଅସଦ୍ ବ୍ୟବହାର କରିଥିବା ଟାଉନଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁକରି ତଦନ୍ତ କରୁଛି।

ନୟାଗଡ଼ ସହରରେ ଥିବା ଏକ ପ୍ରମୁଖ ଶିକ୍ଷାନୁଷ୍ଠାରେ ମ୍ୟାନେଜର ଶରତ ପ୍ରଧାନ ଯୋଗ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଠିକାସଂସ୍ଥାରେ କାର୍ଯ୍ୟ କରି ବ୍ୟାପକ ଅନିୟମିତତା କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଠିକା କର୍ମଚାରୀମାନେ ୨ ଲକ୍ଷ ୨୦ ହଜାର ଲେଖାଏଁ ଦରମା ପାଇବାକୁ ବାକି ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ କହିଲେ, କର୍ମଚାରୀ ଦରମା ପାଇ ନ ଥିବା ବିଷୟ ଆଜି ଜାଣିବାକୁ ପାଇଲି। ଖୁବଶୀଘ୍ର ସେମାନଙ୍କୁ ଦରମା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ, ଆଜି ରୋଗୀଙ୍କୁ ଇସିଜି ସେବା ମିଳିଥିବା କହିଛନ୍ତି। ଇସିଜି ପାଇଁ ଜଣେ ଅତିରିକ୍ତ କର୍ମଚାରୀ ଯୋଗାଇ ଦେବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି।

ରାତିଅଧିଆ ବଦଳିଲା ମିଲର ସଂଯୋଗୀକରଣ

# ମିଲର୍‌ଙ୍କ ଚାପରେ ଚେପା ପ୍ରଶାସନ, ନେତା

ନୟାଗଡ଼,୧୪ା୧(ସମିସ): ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୯ ତାରିଖ ଜିଲ୍ଲାସ୍ତରୀୟ ଧାନକିଣା ଶୁଭାରମ୍ଭ ହୋଇଛି। ଶୁଭାରମ୍ଭ ପରେ ଧାନକିଣା ଆରମ୍ଭ ହୋଇପାରିନାହିଁ। ମିଲରଙ୍କ ଷଡ଼ଯନ୍ତ୍ର ଓ ଚାପ ଆଗରେ ପ୍ରଶାସନ ଓ ରାଜନେତାମାନେ ମୁଣ୍ଡ ନୁଆଁଇ ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରବିବାର ଅଧିକାଂଶ ପ୍ୟାକ୍ସରେ ମିଲର ସଂଯୋଗୀକରଣ ହୋଇଥିବା ବେଳେ ତାହାକୁ ବୁଧବାର ରାତିଅଧିଆ ବଦଳାଯାଇଛି। ମିଲରଙ୍କ ସୁବିଧାକୁ ଗୁରୁତ୍ୱ ଦେବାକୁ ନୟାଗଡ଼ ଜିଲ୍ଲାର ଜଣେ ରାଜନୈତିକ ବ୍ୟକ୍ତି ଅହରହ ଚେଷ୍ଟା କରୁଛନ୍ତି। ଜଣେ ନେତ୍ରୀ ମିଲରଙ୍କ ତ୍ରାଣକର୍ତ୍ତା ସାଜିଥିବା ଆଲୋଚନା ହେଉଛି।

ଦୀର୍ଘ ୧୫ ବର୍ଷ ଧରି ନୟାଗଡ଼ ଜିଲ୍ଲାରେ ମିଲରମାନେ ନିଜ ମନମୁତାବକ ମଣ୍ଡିରୁ ଧାନ କିଣୁଥିଲେ। ଚଳିତ ବର୍ଷ ସରକାର ମଣ୍ଡିଗୁଡ଼ିକରେ ପରିବର୍ତ୍ତନ କରାଇଥିଲେ। ରବିବାର ବିଭିନ୍ନ ପ୍ୟାକ୍ସରେ ନୂଆ ମିଲର ଟ୍ୟାଗ ହୋଇଥିବା ଦେଖାଯାଇଥିଲା। ବୁଧବାର ରାତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ଚିଠା ଅନୁସାରେ, ପୁଣି ଥରେ ପୁରୁଣା ଢାଞ୍ଚାରେ ମିଲର ଟ୍ୟାଗ୍ ହୋଇଥିବା ଦେଖାଯାଇଛି। ଚାଷୀଙ୍କ ସ୍ୱାର୍ଥକୁ ଦଳି ମକଚି ଯେକୌଣସି ଉପାୟରେ ଧାନକିଣାରେ କଟଣୀ ଛଟଣୀ କରାଇ ଶୋଷଣ କରିବାକୁ ମସୁଧା ଚାଲିଛି। ଜିଲ୍ଲାରେ କେବେ ଧାନ କିଣାଯିବ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଚାଷୀ ଜଳକା ଭଳି ମଣ୍ଡି ଖୋଲିବାକୁ ଚାହିଁ ବସିଛି। ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ଅଳ୍ପ ସଂଖ୍ୟକ ଚାଷୀଙ୍କୁ ଟୋକନ ମେସେଜ ଆସିଛି। ୩୦ ପ୍ରତିଶତ ଚାଷୀଙ୍କ ଟୋକନ ଆସିଥିବା ବେଳେ ୭୦ ପ୍ରତିଶତ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲାରେ କିଭଳି ଧାନକିଣା ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ପ୍ରଶ୍ନ ଉଠିଛି।

ଜିଲ୍ଲାରେ ୯୦ ପ୍ରତିଶତ ଜମିରେ ଧାନ ଚାଷ ହେଉଛି। ମୁଖ୍ୟ ଅର୍ଥକାରୀ ଫସଲ ଭାବେ ଧାନ ପରିଚୟ ପାଇଥିବା ବେଳେ ଚାଷୀ ଏବେ ହା ହତାଶରେ ସମୟ ଅତିବାହିତ କରୁଛନ୍ତି। ମଣ୍ଡି ଆରମ୍ଭ ହେଉ ନ ଥିବା ବେଳେ ଟୋକନ୍ ମେସେଜ ନ ଆସିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନେକ ଚାଷୀ ଯୋଗାଣ ବିଭାଗ ଓ ସମବାୟ ବିଭାଗକୁ ଦୌଡ଼ୁଥିବା ବେଳେ ସେମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ। ଚଳିତ ବର୍ଷ ଭଲ ଧାନ ଅମଳ ହୋଇଥିବା ବେଳେ ଯୋଗାଣ ବିଭାଗ ଓ ମିଲରଙ୍କ ଭିତିରି ବୁଝାମଣା ପାଇଁ ଧାନକିଣା ବିଳମ୍ବିତ ହେଉଥିବା ଅଭିଯୋଗ ହେଉଛି। ଚାଷୀଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟ ରଖି ମିଲରମାନେ ପ୍ରଶାସନ ଓ ରାଜନେତାଙ୍କୁ ହାତମୁଠାରେ ରଖି ଗୋଟିଚାଳନା କରୁଥିବା ଆଲୋଚନା ହେଉଛି। ଗତବର୍ଷ ଓଦା ଧାନ ବୋଲି ବାହାନା କରି କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି ଯାଏଁ କଟଣି ଛଟଣି ହେଉଥିବା ବେଳେ ଚଳିତ ବର୍ଷ ସମାନ ଢାଞ୍ଚା ଆପଣାଇବା ପାଇଁ ଯୋଜନା କରାଯାଇଛି। ବିଳମ୍ବ ହେଲେ, ଚାଷୀ ବିକଳ ହୋଇ ଇଚ୍ଛା ମୁତାବକ କଟଣି ଛଟଣି କରିବାକୁ ସୁବିଧା ହେବ ବୋଲି ଅନୁମାନ କରାଯାଉଛି। ବିଜେପି ନେତାମାନେ କଟଣି ଛଟଣି ହେବ ନାହିଁ ବୋଲି କହି ବୁଲୁଥିବା ବେଳେ ବାସ୍ତବତା ଭିନ୍ନ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ ଧାନକିଣା ତ୍ୱରାନ୍ୱିତ ନ ହେଲେ ଚାଷୀ ଆନ୍ଦୋଳନକୁ ଜୋରଦାର କରିବାକୁ କଂଗ୍ରେସ ଚେତାବନୀ ଦେଇଛି।

# ଖଳିସାହି କପ୍ କ୍ରିକେଟ: ତମାଣ୍ଡୋ ଚାମ୍ପିଅନ




ଖଣ୍ଡପଡ଼ା,୧୪ା୧(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ପଡ଼ିଆରେ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଛି। ବାଙ୍କି ପାୱାର କିଙ୍ଗକୁ ୯ ୱିକେଟରେ ହରାଇ ତମାଣ୍ଡୋ ଦଳ ଚାମ୍ପିଅନ ହୋଇଛି। ଟସ ଜିତି ବାଙ୍କି ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଦଳ ୧୧ ଓଭରରେ ଗୋଟିଏ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ବିଜୟୀ ଦଳର ଗିରୀଶ ନାୟକ ୩୧ ବଲରେ ୬ ଛକା ଓ ୧୨ ଚୌକା ସହାୟତାରେ ୮୯ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ବାଙ୍କିର ସାଗର ବେହେରା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନୁଷ୍ଠାନର ସମ୍ପାଦକ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ସମାଜସେବୀ ବିଧାନଚନ୍ଦ୍ର ପ୍ରଧାନ, ଦଶଦୋଳ ସଭାପତି ବାପିନା ସାହୁ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଦୀପକ ରଞ୍ଜନ ସାହୁ ଓ ରବି ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଶ୍ରୀନିବାସ ଦଳେଇ ଧାରାବିବରଣୀ ପ୍ରଦାନ କରିଥିଲେ। ୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଖେଳକୁ ଉପଭୋଗ କରିଥିଲେ।

## ଆଚାର୍ଯ୍ୟ ବିଶ୍ୱରଞ୍ଜନ ଓୟୁଜେର ରାଜ୍ୟ ସମ୍ପାଦକ



ରଣପୁର,୧୪ା୧(ସମିସ): ରଣପୁରର ସାମ୍ବାଦିକ ଆଚାର୍ଯ୍ୟ ବିଶ୍ୱରଞ୍ଜନଙ୍କୁ ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ)ର ରାଜ୍ୟ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ ନୟାଗଡ଼ ଜିଲ୍ଲା ଓୟୁଜେର ସଭାପତି ଭାବେ ଦୀର୍ଘଦିନ ହେବ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସାମ୍ବାଦିକଙ୍କ ସମସ୍ୟା, ଅଧିକାର ଓ ସଂଗଠନକୁ ମଜଭୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଶ୍ୱରଞ୍ଜନ ରାଜ୍ୟ ସମ୍ପାଦକ ରୂପେ ନିଯୁକ୍ତି ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଦେଶୀମଦ ଜବତ, ଜଣେ ଗିରଫ

ଓଡ଼ଗାଁ,୧୪ା୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପୁଲିସ ମଙ୍ଗଳବାର ରାତିରେ ୫ ଲିଟର ଦେଶୀମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନନ୍ଦିଘୋର ଗ୍ରାମର ସନ୍ତୋଷ କୁମାର ପରିଡ଼ା। ଏଥିସହ ଗାଡ଼ିମଟର ଯାଞ୍ଚ କରି ମଦ୍ୟପାନ କରି ଗାଡ଼ି ଚାଳନା ବାବଦରେ ୪ ହଜାର ୫ଶହ ଟଙ୍କା ଜରିମାନା ଅସୁଲ କରାଯାଇଛି। ଏହା ସହିତ କୌଣସି ପୂର୍ବ ସୂଚନା ନଥାଇ ଓଡ଼ଗାଁ ଥାନା ଅଞ୍ଚଳରେ ଥିବା ହୋଟେଲ ଏବଂ ଲଜଗୁଡ଼ିକରେ ପୁଲିସ ଅଚାନକ ପହଞ୍ଚି ତନଖି କରିଛି।

## ଶୈବ ମୂର୍ତ୍ତି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଗଣିଆ,୧୪ା୧(ସମିସ): ଗଣିଆ ରଘୁନାଥଜୀଉ ମନ୍ଦିର ପରିସରରେ ଏକ ଶୈବ ମୂର୍ତ୍ତି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଟ୍ରଷ୍ଟ ବୋର୍ଡ ମୁଖ୍ୟ ନ୍ୟାସୀ ଦ୍ୱିତୀକୃଷ୍ଣ ସାହୁ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ବ୍ରଜମୋହନ ମିଶ୍ର, ଉଦ୍ୟନାଥ ସାହୁ, ଅଜୟ କୁମାର ଲେଙ୍କା, ପ୍ରଭାତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ବେହେରା ନଡ଼ିଆ ବାଡ଼େଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ପରିସରରେ ଦୀର୍ଘଦିନ ହେବ ଏକ ଶୈବ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ଭକ୍ତଙ୍କ ତରଫରୁ ନିବେଦନ କରାଯାଇଥିଲା। ୧୫ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ମୂର୍ତ୍ତି ନିର୍ମାଣ କରାଯିବ ବୋଲି କଟକ ଧବଳେଶ୍ୱର ମହାଳପଡ଼ାର କାରିଗର ନରୋତ୍ତମ ରଣା ପ୍ରକାଶ କରିଛନ୍ତି। ଆସନ୍ତା ରାମନବମୀ ପୂର୍ବରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ ଜଣାଇଛନ୍ତି।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା




ରଣପୁର,୧୪ା୧(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଶ୍ରୀକାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସୁର୍କାବାଡ଼ି ପଞ୍ଚାୟତ ସଭାଗୃହରେ ୨ ପଞ୍ଚାୟତର ଶତାଧିକ ଚାଷୀଙ୍କୁ ନେଇ ଦକ୍ଷତା ବିକାଶ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଆଲୋକ ପ୍ରଧାନ, ଲକ୍ଷ୍ମୀଧର ସାହୁ, ସରପଞ୍ଚ ସୁନିତା ମହାପାତ୍ର, ପରେଶ ମିଶ୍ର ଯୋଗଦେଇଥିଲେ। ଚାଷୀମାନେ ଉଦ୍ୟାନ ବିଭାଗଠାରୁ କଦଳୀ, ଆମ୍ବ, ଅମୃତଭଣ୍ଡା, ପଣସ ଚାରା ରିଆତି ଦରରେ ନେଇ ଚାଷ କରିବା ସଫଳ ହୋଇଥିବା ଅତିଥିମାନେ କହିଥିଲେ।

## ସର୍ବଭାରତୀୟ ଦଶପଲ୍ଲା କପ୍; ସେମିରେ କଶ୍ମୀର

ଦଶପଲ୍ଲା,୧୪ା୧(ସମିସ): ସ୍ପୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ତମ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଗ୍ରୁପ-ବି ୨ୟ ମ୍ୟାଚ୍ ବୁଧବାର ଶେଷ ହୋଇଛି। ଏସଟିଏଫସି କଶ୍ମୀର ଦଳ ଭୁବନେଶ୍ୱର ସାନ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରେଫରୀ ରାଜକିଶୋର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ଓ ଫୋର୍ଥ ଅଫିସିଆଲ୍ ଭାବେ ଅଶୋକ ପ୍ରଧାନ ସହଯୋଗ କରିଥିଲେ। ମୁଖ୍ୟଅତିଥି ନଗର ଉନ୍ନୟନ ବିଭଗ ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ ଯୋଦଦେଇଥିଲେ। ଗୁରୁବାର ଗ୍ରୁପ ବି ୨ୟ ଲିଗ ୨ୟ ମ୍ୟାଚରେ ଭଞ୍ଜନଗର ଫୁଟବଲ ଏକାଡେମୀ ଓ କେରଳ ଫୁଟବଲ ଏକାଡେମୀ ପରସ୍ପରକୁ ଭେଟିବେ ବୋଲି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

## ଆୟୋଜକ ରାମପଡ଼ା ଚାମ୍ପିଅନ

ଭାପୁର,୧୪ା୧(ସମିସ): ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ରାମପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ରାମପଡ଼ା ଦଳ ଭାପୁର ଦଳକୁ ୭୦ ରନରେ ହରାଇ ଚାମ୍ପିଅନ ହୋଇଛି। ରାମପଡ଼ା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୨୨୩ ରନ କରିଥିଲା। ଭାପୁର ଦଳ ୧୮.୧ ଓଭରରେ ସମସ୍ତ ଉିକେଟ ହରାଇ ୧୫୩ ରନରେ ସୀମିତ ରହିଥିଲା। ପ୍ରଶାନ୍ତ ସ୍ୱାଇଁ ୨୨ ବଲରୁ ୧୦ ଛକା ସହ ୭୮ ରନ କରି ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରାଣବନ୍ଧୁ ସ୍ୱାଇଁ ସ୍କୋର୍ ସିଟ୍ ପରିଚାଳନା କରିଥିବା ବେଳେ ତପନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟର ତାପସ କୁମାର ସ୍ୱାଇଁ ଏବଂ ପରମାନନ୍ଦ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ



ନୟାଗଡ଼,୧୪ା୧(ସମିସ): ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସରକାରୀ ଓକିଲ ଅମିୟ ପଟ୍ଟନାୟକଙ୍କର ମଙ୍ଗଳବାର ରାତିରେ ଦେହାନ୍ତ ହୋଇଛି। ନୟାଗଡ଼ ସଦର ବ୍ଲକ ଖୁଣ୍ଟୁବନ୍ଧ ଗ୍ରାମର ବିଶ୍ୱନାଥ ଦାଶଙ୍କ ପୁଅ ଅମିୟ ଜଣେ ଅମାୟିକ ଓ ମେଳାପି ମଣିଷ ଥିଲେ। ଜିଲ୍ଲାର ପ୍ରମୁଖ ଅପରାଧିକ ମାମଲାରେ ସେ ସରକାରୀ ଓକିଲ ଭାବେ ଲଢୁଥିଲେ। ଏଡିଜେ କୋର୍ଟରେ ସରକାରୀ ଓକିଲ ଭାବେ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିଲେ। ବିଜେଡିର ପଞ୍ଚାୟତ ସଭାପତି ଭାବେ ଦୀର୍ଘବର୍ଷ ଦାୟିତ୍ୱ ସମ୍ପାଦନ କରିଥିଲେ। ତେବେ ହଠାତ ସେ ଅସୁସ୍ଥ ହେବା ପରେ ଭୁବନେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମରଶରୀର ନୟାଗଡ଼ କୋର୍ଟକୁ ଅଣାଯିବା ପରେ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗାଁ ଖୁଣ୍ଟୁବନ୍ଧକୁ ନିଆଯାଇ ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

# ବିଭିନ୍ନ ସ୍ଥାନରେ ମକର ମେଳା



ନୟାଗଡ଼,୧୪ା୧(ସମିସ): ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳା ଅନୁଷ୍ଠିତ ହୋଇଛି। ନୟାଗଡ଼ ସଦର ବ୍ଲକ କ୍ରିଦାଶପୁରରେ ମକର ଯାତ୍ରା ଅନୁଷ୍ଠିତ ହୋଇଛି। ବ୍ରାହ୍ମଣୀ ଦେବୀଙ୍କ ପୀଠରେ ମଙ୍ଗଳବାର କଳସ ଯାତ୍ରା ବୁଧବାର ସଂକ୍ରାନ୍ତିରେ ଯଜ୍ଞ କରାଯାଇଥିଲା। ଏହି ଅବସରରେ ଯୁବଗୋଷ୍ଠୀଙ୍କ ଦ୍ୱାରା ମଙ୍ଗଳବାର ସାମାଜିକ ନାଟକ ପରିବେଷଣ ହୋଇଥିଲା। ବୁଧବାର ପାଲା ଅନୁଷ୍ଠିତ ହୋଇଥିଲା।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ମକର ପର୍ବ ପାଳିତ ହୋଇଛି। ଖଣ୍ଡପଡ଼ା ବ୍ଲକ ସିଧାମୂଳା ମଧୁକର୍ଣ୍ଣିକା ପାହାଡ଼ରେ ବିରାଜିତ ଶ୍ରୀ ଗୋକୁଳାନନ୍ଦଜୀଉଙ୍କ ପୀଠରେ ମକର ଚାଉଳ ଲାଗି ହୋଇଛି। ଖଣ୍ଡପଡ଼ା ସହରାଞ୍ଚଳ ୧୧ନଂ ୱାର୍ଡ ବାଉରୀ ଠାକୁରାଣୀ, ୧ନଂ ୱାର୍ଡ ବନ୍ଧ ବିମଳେଶ୍ୱର ମହାଦେବଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଛି। ସେହିପରି କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୀଠରେ ମକର ସଂକ୍ରାନ୍ତିରେ ସମସ୍ତ ନୀତି ସମ୍ପନ୍ନ ହୋଇଛି। ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବେଣାଗାଡ଼ିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠ, କୋସ୍କା ଭୂଇଁଆଣି ପୀଠ, ରୁପାପଲ୍ଲୀ, ଗୋଛାବାରି ଆଦି ସ୍ଥାନରେ ମକର ମେଳା ପାଳିତ ହୋଇଛି। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମକର ପର୍ବରେ ଯୋଗଦେଇଥିଲେ।

**ଗଣିଆ:** ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ୱାଲିପୁର ମା' ଚିରିଣି ଠାକୁରାଣୀଙ୍କ ପୀଠରେ ମକରମେଳା ଉଦଘାଟିତ ହୋଇଛି। ଏହି ମେଳା ୧୬ ତାରିଖ ଉଦଯାପିତ ହେବ। ବୁଧବାର କୃଷ୍ଣଲୀଳା, କାଳୀୟଦଳନ ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ଅପେରା ନାଟ୍ୟ ସମ୍ରାଟ ପୃଥ୍ୱୀରାଜ ଅପେରା ପରିବେଷଣ କରିବ। ବ୍ଲକରେ ଏହା ଏକମାତ୍ର ମକରମେଳା ହୋଇଥିବାରୁ ଅନେକ ଦୋକାନ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା।

**ଭାପୁର:** ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଗ୍ରାମରେ ମକରଯାତ୍ରା ଆରମ୍ଭ ହୋଇଛି। ବ୍ଲକର ଏକମାତ୍ର ମକରଯାତ୍ରାରେ ନୟାଗଡ଼, ଖୋର୍ଦ୍ଧା ଓ କଟକ ଜିଲ୍ଲାର ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମର ଆରାଧ୍ୟ ଦେବତା ବାବା ବାଲୁଙ୍କେଶ୍ୱର ଦେବଙ୍କ ବିଜେ ପ୍ରତିମା ଗ୍ରାମ ପରିକ୍ରମା କରି ଯାତ୍ରା ପଡ଼ିଆରେ ଥିବା ମନ୍ଦିରରେ ବିଜେ କରିଥିଲେ। ହଜାର ହଜାର ଭକ୍ତ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଏ ବର୍ଷ ଅଧିକ ଦୋକାନ ବଜାର ପଡ଼ିଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ଯାତ୍ରା ସପ୍ତାହ ବ୍ୟାପୀ ଚାଲିବ। ଫତେଗଡ଼ ଥାନା ଅଧିକାରୀ ଓ ଭାପୁର ଫାଣ୍ଡି ଅଧିକାରୀ ସଦଳବଳେ ଉପସ୍ଥିତ ରହି ଆଇନଶୃଙ୍ଖଳା ଦାୟିତ୍ୱ ସମ୍ଭାଳୁଛନ୍ତି। ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ମକର ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଛି। ସକାଳୁ ସୂର୍ଯ୍ୟପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। ମନ୍ଦିର ସଭାପତି ଓମପ୍ରକାଶ ଦାସ ଓ ସମ୍ପାଦକ କିଶୋର ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ଶହ ଶହ ଭକ୍ତ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତଙ୍କୁ ମକର ଚାଉଳ ବଣ୍ଟନ କରାଯାଇଥିଲା।

**ଓଡ଼ଗାଁ:** ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ପୀଠରେ ମକର ସଂକ୍ରାନ୍ତି ଅବସରରେ ମକର ପର୍ବ ପାଳିତ ହୋଇଛି। ପରମ୍ପରା ଅନୁସାରେ ବର୍ଷର ଏହି ଗୋଟିଏ ଦିନ ଶ୍ରୀଜୀଉଙ୍କ ଦିବା ପହୁଡ଼ ହୋଇ ନ ଥାଏ। ସାରାଦିନ ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ।

**ଶରଣକୁଳ:** ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡ଼ୁବାବାଙ୍କ ମନ୍ଦିର ସମ୍ମୁଖରେ ବୁଧବାର ପବିତ୍ର ମକର ସଂକ୍ରାନ୍ତିରେ ଶୈବ ସେବାୟତ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୧୦୮ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିଲା। ନିମନ୍ତ୍ରିତ ବ୍ରାହ୍ମଣଙ୍କ ବେଦଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଯଜ୍ଞସ୍ଥଳରେ ଘଟ ସ୍ଥାପନ ପରେ ବାବାଙ୍କ ଆଜ୍ଞାମାଳ ଅଣାଯାଇ ଯଜ୍ଞାରମ୍ଭ କରାଯାଇଥିଲା। ମନ୍ଦିର ପରିଚ୍ଛା ତୋଷବନ୍ତ କର, ପୂଜାପଣ୍ଡା ହରମୋହନ ମହାପାତ୍ର, ସୁନୀଲ କୁମାର ବଡ଼ପଣ୍ଡା, ସୁବାସ ଚନ୍ଦ୍ର ବରାଡ଼, ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ଜଗନ୍ନାଥ ମହାପାତ୍ରଙ୍କ ସହ ବହୁ ସେବାୟତ ଏବଂ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଶରଣକୁଳ ଦକ୍ଷିଣାର୍ଦ୍ଧ ସୁଆରସାହି ମା' ବିରଜାଇଙ୍କ ମନ୍ଦିର ନିକଟରେ ପୂଜା ପାଉଥିବା ମା' ତାରିଣୀଙ୍କ ମକର ସଂକ୍ରାନ୍ତି ଯାତ୍ରା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଛି। ଏଠାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ସିଦ୍ଧେଶ୍ୱର ମହାଦେବଙ୍କ ଦକ୍ଷିଣାୟନ



କଣ୍ଟିଲୋ,୧୪ା୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ବୁଧବାର ସୂର୍ଯ୍ୟନାରାୟଣଙ୍କ ଉତ୍ତରାୟଣ ଗତି ହୋଇଛି। ଅନୁରୂପ ଭାବେ ନୀଳମାଧବଙ୍କ ପୀଠରେ ପାଶ୍ୱର୍ ଦେବତା ରୂପେ ଅଧିଷ୍ଠିତ ସିଦ୍ଧେଶ୍ୱର ମହାଦେବ ଆଜିଠାରୁ ସୂର୍ଯ୍ୟଙ୍କ ଗତି ବିପରୀତ ଦକ୍ଷିଣକୁ ଢଳିଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ମହିମା ସମ୍ପର୍କରେ କପିଳ ସଂହିତାରେ ବର୍ଣ୍ଣିତ ରହିଛି। କର୍କଟ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ସମୟରେ ସିଦ୍ଧେଶ୍ୱର ଉତ୍ତରକୁ ଢଳିଥାନ୍ତି ଏବଂ ୬ମାସ ପରେ ମକର ସଂକ୍ରାନ୍ତିରେ ବାବା ସିଦ୍ଧେଶ୍ୱର ଦକ୍ଷିଣକୁ ଆପଣାଛାଏଁ ଢଳିଥିବା ଦୃଶ୍ୟମାନ ହୋଇଛି। ଏହି ଦୃଶ୍ୟ ଦେଖିବା ପାଇଁ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଆରମ୍ଭ ହେଲା ଅତ୍ରିରେ ମକର ମେଳା

## ■ ହଟ୍ଟକେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଭିଡ଼

ଖୋର୍ଦ୍ଧା/ବେଗୁନିଆ,୧୪।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ଏକାଦଶ ରୁଦ୍ର ବାବା'ହଟକେଶ୍ୱରଙ୍କ ଅତ୍ରୀ ମନ୍ଦିର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଭୋର ପ୍ରାୟ ସାଢେ ୩ଟାରୁ ମନ୍ଦିର ସମ୍ମୁଖରେ ଦେଖାଯାଇଥିଲା ଭକ୍ତଙ୍କ ଲମ୍ବାଧାଡ଼ି।ହଟକେଶ୍ୱର ଦେବଙ୍କ ମନ୍ଦିର ପହୁଡ଼ ଖୋଲିବାପରେ ମଙ୍ଗଳଆଳତି, ଅତ୍ରୀ ଦଳବେହେରାଙ୍କ ପାହାନ୍ତି ଭୋଗଲାଗି, ଭକ୍ତମାନେ



ସାହାଣମେଳା ଦର୍ଶନ କରିଥିଲେ। ଦିନ ପ୍ରାୟ ୨ଟାରେ ଅନ୍ନ, ଡ଼ାଲମା, କାକରା,ଏଣ୍ଡୁରୀ ପୀଠା, ଖିରୀ ମଧାହ୍ନ ଭୋଗଲାଗି ଅନୁଷ୍ଠିତ ହୋଇଥିବାବେଳେ ଦିବା ୩ଟାରେ ପ୍ରଭୁଙ୍କ ବିଜେ ପ୍ରତିମା ବିରାଟ ଶୋଭାଯାତ୍ରାରେ ବେଢା ପରିକ୍ରମା ପରେ ଉଷ୍ଣପ୍ରସବଣରେ ଅଭିମୁଖେ ବାହାରଥିଲେ। ମୃଦଙ୍ଗ, ସଂକୀର୍ତ୍ତନ, ହରିବୋଲ ହୁଳହୁଳି ମଧ୍ୟରେ ଏକ ପ୍ରକାର ଅଧାମ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଏକାଦଶ ରୁଦ୍ର ବାବା ହଟକେଶ୍ୱରଙ୍କ ଉବୁକା ଦର୍ଶନ କରିଥିଲେ। ଦିନ ସାଢେ ୩ଟା ସମୟରେ ବିଜେ ପ୍ରତିମା ମନ୍ଦିରକୁ ପ୍ରତ୍ୟାବର୍ତନ କରିଥିବାବେଳେ ପାରମ୍ପରିକ ପ୍ରଥା ଅନୁସାରେ ଗଜଗତି ମହାରାଜାଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଖୋର୍ଦ୍ଧା ଉପକଣ୍ଠ କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ଭୋଗଲାଗି ହୋଇଥିଲା। ସେହିପରି ଅତ୍ରୀ ଦଳବେହେରା ମକରଚାଉଳ ଭୋଗଲାଗି ହେବା ପରେ ସାଧାରଣ ଲୋକ ଭୋଗଲାଗି କରିଥିବା ଦେଖାଯାଇଛି। ରାତି ୯ଟା ବଡ଼ସିଂହାର ଭୋଗଲାଗି ହୋଇଥିବାବେଳେ ମକର ସଂକ୍ରାନ୍ତି ଅବସରରେ ଜିଲ୍ଲା ତଥା ଜିଲ୍ଲାବାହାରୁ ବହୁ ସଂଖ୍ୟକ ମାନସିକଧାରୀ ମହିଳା ପ୍ରଭୁଙ୍କ ଦର୍ଶନ କରିଥିବା ଦେଖାଯାଇଛି। ସେହିପରି ମାନସିକ ପୂରଣ ପରେ ବହୁ ମାଆ ନିଜ ସନ୍ତାନଙ୍କୁ ଆଣି ବାବା ହଟେକେଶ୍ୱରଙ୍କ ପୀଠରେ ମୁଣ୍ଡନ କରିଛନ୍ତି।

## ■ ଛୁଆଟିଏପାଇଁଗୁଆଖୋଜିଲେବନ୍ଧ୍ୟାନାରୀ

ଅତ୍ରୀସ୍ଥିତ ବାବା ହଟକେଶ୍ୱର ମନ୍ଦିର ଠାରୁ ପ୍ରାୟ ଏକ ଶହ ମିଟର ଦୂରତାରେ ରହିଛି ଉଷ୍ଣପ୍ରସ୍ରବଣ। ଏହାର ପାତାଳ ଗର୍ଭରୁ ଗରମପାଣି ଫୁଟିଥାଏ। ପାଣିର ଉଷ୍ଣତା ୫୭ସେଂଟିଗ୍ରେଡ୍ ହୋଇଥିବାବେଳେ ଏ




ପାଣି ଗନ୍ଧକଯୁକ୍ତ ପାଣି ରହିଛି। ପୁରୁଖା ଲୋକଙ୍କ କହିବା ଅନୁସାରେ ସାତହଳ ଶଗଡ଼ ବଳଦ ମାଟି ଅତଡ଼ାଖସି ସେହି ଗରଣ ପାଣିରେ ବୁଡ଼ିଯାଇଥିବାବେଳେ ଏହା ଆଜି ମଧ ରହସ୍ୟମୟ ହୋଇ ରହିଛି। ଶୀତ ଦିନରେ ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏ ଗରମ ପାଣିରେ ସ୍ନାନ ନ କଲେ ସତେ ଯେମିତି ବୁଲିବା ତାଙ୍କର ଅଧୁରା ରହିଯାଏ ବୋଲି ମନରେ ଭାବନ୍ତି। ଉଷ୍ଣ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ଣ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୂର୍ଣ୍ୟ ମିଳେ। ଉଷ୍ଣ ପ୍ରସବଣ କୁଣ୍ଡ(କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ସହ ଶ୍ରଦ୍ଧାଳୁ ମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୁବ, ତୁଳସୀ, ବରକୋଳି ପତ୍ର ପ୍ରଭୃତି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଏହି ପାଦୁକା ସେବନ କରି ଆମ୍ଭତୃପ୍ତି ଅନୁଭବ କରିଥାନ୍ତି। ଏ ପବିତ୍ର କ୍ଷେତ୍ରରେ ଆଉ ଏକ ବିଶ୍ୱାସ ରହିଛି ଯେଉଁ ଦମ୍ପତିମାନଙ୍କୁ ସନ୍ତାନ ପ୍ରାପ୍ତି ହୋଇନଥାଏ। ସେମାନେ ଠାକୁରଙ୍କ ନିକଟରେ ମାନସିକ ରଖି ମକର ସଂକ୍ରାନ୍ତି ଦିନ ଅତ୍ରିରେ ଭୋର ସମୟରେ ଦହଲ(ମାନସିକ କୁଣ୍ଡ)ରେ ପୂଜକଙ୍କ ଠାରୁ ପାଦୁକ ଗ୍ରହଣ ପରେ ଗୁଆ, କଉଡ଼ି, ଖୋଜି ସେବନକଲେ ବନ୍ଧ୍ୟାଦୋଷ ଦୂର ହୋଇଥାଏ। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଏହା ହେଉଛି ଏହି ସ୍ଥାନରେ ଅଲୌକିକ ଘଟଣା। ଆଧୁନିକ ଚିକିତ୍ସା ବିଜ୍ଞାନ ସତ୍ତ୍ୱେ ଏହି ପ୍ରାଚୀନ ପରମ୍ପରା ଆଜି ମଧ ଏଠାରେ ଉଜ୍ଜିବିତ ରହିଛି। ଭୋରୁ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ପ୍ରାୟ ୫ଶହ ରୁ ଉଦ୍ଧ୍ୱର୍ ବନ୍ଧ୍ୟାନାରୀ ଛୁଆ ଟିଏ ପାଇବା ଆଶାରେ ଏହି କୁଣ୍ଡରୁ ଗୁଆ ଖୋଜି ଖାଇଥିବା ପୂଜାପଣ୍ଡା ସେବକ ଦିଲ୍ଲୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହିତ ଉଷ୍ଣପ୍ରସବଣ ପରିସରରେ ଥିବା ଅନ୍ୟ କୁଣ୍ଡ ଗୁଡ଼ିକ ର ଗରମ ପାଣିରେ ସ୍ନାନ କରିବା ମଜା ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ନେଇଥିବା ଦେଖିବାକୁ ମିଳିଛି।

## ■ ଅତ୍ରିମକରମହୋତ୍ସବଉଦ୍‌ଘାଟିତ




ବେଗୁନିଆ,୧୪।୧(ସମିସ): ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ୧୧ତମ ବାର୍ଷିକ ମକର ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମକର ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମହାନ୍ତି ମୁଖ୍ୟବକ୍ତା, ମହୋତ୍ସବ କମିଟିର ଆବାହକ ତଥା ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନବନିତା ମହାନ୍ତି,ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର, ପୃଥ୍ୱୀରାଜ ଚଳଚ୍ଚିତ୍ର ତାରକା ଦୁର୍ଗା ମାଧବ ପାତ୍ର ଓ ଓଡ଼ିଶୀ ନୃତ୍ୟ ଶିଳ୍ପୀ ମୋନାଲି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କର ଅବଦାନ ରହିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଓଡ଼ିଶା ଆଦର୍ଶ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ସୁଧାକର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଆ କଣ୍ଠଶିଳ୍ପୀ ଅନନ୍ୟା, ହିଂମାଶୁ, ରକି ମଡର୍ଣ୍ଣ ଡ୍ୟାନସ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକ ମାନେ ଆନନ୍ଦ ନେଇଥିଲେ। ପରେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ପରିସରରେ ଓରମାସ ପକ୍ଷରୁ ଷ୍ଟଲ, କୃଷି ଓ ଉଦ୍ୟାନ ବିଭାଗ,ଶିକ୍ଷା ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଷ୍ଟଲ୍ ସହ ବରଗଡ଼ ଜିଲ୍ଲାର କଳାକାରମାନଙ୍କ ଦ୍ୱାରା ସେଲଫି ଜୋନ, ଅଗ୍ନି ନିର୍ବାପକ ଓ ପୁଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆ ଯାଇଥିଲା।

# ଶ୍ରୀରଙ୍ଗନାଥ ଦେବଙ୍କ ମକର ବେଶ



ବାଣପୁର, ୧୪।୧(ସମିସ); ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀରଙ୍ଗନାଥ ଦେବଙ୍କର ମାଘ ଶୁକ୍ଳ ପଞ୍ଚମୀ ତିଥି ବୁଧବାର ମକର ସଂକ୍ରାନ୍ତି ଅବସରରେ ମକର ଚଉରାଶି ବେଶ ଅନୁଷ୍ଠିତ ହୋଇଯାଇଛି। ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ଧରି ସକାଳୁ ସକାଳୁ ଗରମ ଗରମ ଅନ୍ନ ବ୍ୟଞ୍ଜନ ଛଅ ତିଅଣ ନଅ ଭଜା କରି ପହିଲି ଭୋଗ ଲାଗି ହୋଇ ଆସୁଥିଲା। ସମଗ୍ର ଉତ୍କଳରେ ପରିଚିତ ଏହି ପରମ୍ପରା ଅନୁସାରେ ଲୀଳାକ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠ ମଧ ମହ ମହ ବାସୁଥିଲା ସ୍ୱାଦିଷ୍ଟ ଅନ୍ନବ୍ୟଞ୍ଜନ ଓ ମିଷ୍ଟାନ୍ନର ବାସ୍ନାରେ। ଘିଅ, ଅଦା, ହେଙ୍ଗୁରେ ପ୍ରସ୍ତୁତ ଖେଚେଡ଼ି, ଡ଼ାଲି, ବେଶର, ମହୁର, ଶାଗମୁଗ, ଆମ୍ବିଳ, ଖିରି, କାକରା, ଧନୁମୁଆଁ ପ୍ରତ୍ୟେହ ସକାଳୁ ସକାଳୁ ପ୍ରସ୍ତୁତ ହୋଇ ଶ୍ରୀଜୀଉ ମାନଙ୍କ ଠାରେ ଅର୍ପଣ କରାଯାଇ ଭକ୍ତ ମାନଙ୍କୁ ପ୍ରଦାନ କରାଯାଇ ଆସୁଥିଲା। ମକର ସଂକ୍ରାନ୍ତିରେ ଶ୍ରୀରଙ୍ଗନାଥ ଦେବଙ୍କ ପ୍ରାତଃହରୁ ଦ୍ୱାର ଫିଟା ପରେ ମହାପ୍ରଭୁଙ୍କର ମଙ୍ଗଳଆଳତି ଓ ଅବକାଶ ନୀତି ପରେ ଶ୍ରୀଜୀଉ ମାନଙ୍କୁ ମକର ଭୋଗ ଲାଗି କରାଯାଇ ତ୍ରିମୁଣ୍ଡରେ ମକର ଚୁଳ ଲାଗି କରାଯାଇ ଥିଲା। ପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହ ମାନଙ୍କୁ ସୁସଜ୍ଜିତ ମକର ବେଶ କରାଯାଇ ଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପ ନୀତି ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗଲାଗି, ପରେ ନୂଆଲୁଗା ଲାଗି କରାଯାଇ ଶ୍ରୀମସ୍ତକ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରି ମକର ଚଉରାଶି ବେଶରେ ଶ୍ରୀଜିଉ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ଅପୂର୍ବ ମକର ବେଶ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

# ୫ ଭଉଣୀଙ୍କୁ ନେଇ ମା'କାଳିଜାଈଙ୍କ ପୀଠରେ ମକର ମେଳା

ବାଲୁଗାଁ/ କୃଷ୍ଣପ୍ରସାଦ ୧୪।୧(ସମିସ); ଚିଲିକାର ଜଳ ରାଶି ମଧ୍ୟରେ ଅବସ୍ଥିତା ମତ୍ସ୍ୟଜୀବୀଙ୍କ ଆରାଧ ଦେବୀ ମା'କାଳିଜାଈଙ୍କ ପୀଠରେ ପାଞ୍ଚ ଭଉଣୀଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ବୁଧବାର ସକାଳୁ ପାରମ୍ପରିକ ମକର ମେଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମା'କାଳିଜାଈଙ୍କ ତଥା କଥିତ ଭଉଣୀ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ, ବାଣପୁର ମାଳଅଞ୍ଚଳ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଇଙ୍କ ସମେତ ଚିଲିକା ଟାପୁ



ମଧ୍ୟରେ ଥିବା ଗୁରୁବାଇ ସ୍ଥିତ ମା ଚର୍ଚ୍ଚିକା ଓ ପାରିକୁଦ ଗଡ ରାଜ ନଅର ସ୍ଥିତ ମା କନକ ଦୁର୍ଗାଙ୍କୁ ଏହି ମକର ମେଳାକୁ ନିମନ୍ତ୍ରଣ କରାଯାଇ ଥିବା ବେଳେ ମକର ସଂକ୍ରାନ୍ତିରେ ପାରମ୍ପରିକ ରୀତିନୀତିରେ ମକର ମେଳା ପାଳିତ ହୋଇ ଯାଇଛି। ଚଳିତ ବର୍ଷ ଏହି ମେଳାକୁ ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୦ ହଜାରରୁ ଉଦ୍ଧ୍ୱର୍ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେରେ ଏହି ପର୍ବର ମୁଖ୍ୟ ପୁରୋଧା ପାରିକୁଦଗଡ଼ ଯୁବରାଜ ସନ୍ତୋଷ କୁମାର ମାନସିଂ ମର୍ଦ୍ଦରାଜ ହରିଶ୍ଚନ୍ଦ୍ର ଦେବ ଏକ ସୁସଜ୍ଜିତ ବୋଇତରେ ପାଟ ପଟୁଆର ସହ ପାରିକୁଦ ରାଜପ୍ରସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଯୁବରାଜ ମା'ଙ୍କ ପୀଠରେ ପରମ୍ପରା ଅନୁଯାୟୀ ଛେରା ପହଁରା କରିବା ସହ ପୂଜାର୍ଚ୍ଚନା କରିବା ପରେ ମକର ଭୋଗ ଲାଗି କରାଯାଇଥିଲା। ମଙ୍ଗଳବାର ସଂଧ୍ୟାରୁ ଚିଲିକାରୁ ମାଛ ମାରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀ ଡ଼ଙ୍ଗାଧରି ପହଞ୍ଚିଥିବା ବେଳେ ବୁଧବାର ଭୋରୁ ଖୋର୍ଦ୍ଧା, ପୁରୀ ଓ ଗଂଜାମ ଜିଲ୍ଲାର ବାଲୁଗାଁ, ବଡ଼କୂଳ, ନଈରୀ, କୃଷ୍ଣପ୍ରସାଦ, ପାରିକୁଦ, ସାତପଡା ଓ ବ୍ରହ୍ମଗିରୀ ଆଦି ଅଞ୍ଚଳରୁ ମା'ଙ୍କ ପୀଠକୁ ଡ଼ଙ୍ଗାରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଯାତାୟାତ ନିମନ୍ତେ ବାଲୁଗାଁ ଚିଲିକା କୂଳରୁ ମା'କାଳିଯାଇ ମୋଟର ବୋଟ୍ ଆସୋସିଏସନ୍, ସରକାରୀ ଲଞ୍ଚ ଏବଂ ବଡ଼କୁଳ ପାନ୍ଥନିବାସ ନିକଟରୁ ସରକାରୀ ଓ ଘରୋଇ ଡ଼ଙ୍ଗା ମାଲିକ ସଂଘ ତରଫରୁ ବହୁ ସଂଖ୍ୟାକ ଡ଼ଙ୍ଗାର ସୁବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ମା'ଙ୍କ ପୀଠରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଲ କୁମାର ମିଶ୍ର, ସଦର ଏସଡ଼ିପିଓ ରବି ନାରାୟଣ ଭଞ୍ଜଙ୍କ ତତ୍ତ୍ୱାବଧାନରେ କୃଷ୍ଣପ୍ରସାଦ ଆଇଆଇସି ଭାବଗ୍ରାହୀ ରାଉତ, ତହସିଲଦାର ବିକାଶ ସେଠୀ, ବିଡ଼ିଓ ଅମୀୟ କୁମାର ପଣ୍ଡା ସମେତ ବ୍ୟାପକ ପୋଲିସ୍ ଫୋର୍ସ ନିୟୋଜିତ ହୋଇଥିଲେ। କାଳିଯାଇ ପୀଠ ଚିଲିକା ଜଳରେ କୌଣସି ଅଘଟଣକୁ ଏଡାଇବା ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ କର୍ମ.ରୀ ସଜାଗ ରହି ଦିନ ତମାମ ଚିଲିକା ଜଳରାଶି ମଧ୍ୟରେ ପଇଁତରା ମାରୁଥିବା ଦେଖାଯାଇଥିଲା। ଏତଦ୍ ବ୍ୟତିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ସହାୟତା ଯୋଗାଇ ଦିଆଯାଇଛି।

ସେହିପରି ବାଣପୁର ରୋଡସ୍ଥିତ ମା' ମେଘାମ୍ବରୀ ପୀଠ, ବାଣପୁର ମାଳଅଞ୍ଚଳସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଇ, ମା' ତାରିଣୀ, ଶାଳିଆଡ୍ୟାମ ସ୍ଥିତ ମା' ଡ଼ୋମଣୀ, ଘଣ୍ଟଶିଳା ପାଦ ଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ଐତିହାସିକ ପଲଟଣ ପଡ଼ିଆ ସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟସ୍ଥ ବାଙ୍କନିଧି ଦେବଙ୍କ ପୀଠରେ ମଧ ମକର ମେଳା ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ସମସ୍ତ ପୀଠ ମାନଙ୍କରେ ଶାନ୍ତିଶୃଙ୍ଖଳା ପାଇଁ ବାଣପୁର ଥାନା ଅଧିକାରୀ ରେମେଶ କୁମାର ଦେବତାଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି।

# ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି

ବାଣପୁର,୧୪।୧(ସମିସ) : ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ କୃଷ୍ଣଚନ୍ଦ୍ର ପାଠାଗାର ଭୀମପୁରର ମିଳିତ ଆନୁକୂଲ୍ୟରେ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ତଥା ସାରା ଓଡ଼ିଶାରେ ପାଇକ କବି ଭାବେ ପରିଚିତ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଚଳିତ ଜାନୁଆରୀ ୨୧ ତାରିଖ କବିଙ୍କ ପୂଣ୍ୟତିଥିରେ ଜନ୍ମମାଟି ଭୀମପୁରରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବୁଧବାର ଜନ୍ମମାଟି ସାମନ୍ତରାପୁର, କବି କୃଷ୍ଣଚନ୍ଦ୍ର ପାଠାଗାର ଭୀମପୁର, ଚିଲିକା ସାହିତ୍ୟ ସମାଜ ବାଲୁଗାଁ ବାଣପୁର, ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟ ଭୀମପୁର, ଚିନ୍ତାମଣି ବାଳଚର ଯୁବସେବା ସଂଘ ଭୀମପୁର, ଗୋପୀନାଥ ପାଠାଗାର, ଅନନ୍ତ ସ୍‌ବାମୀ କୃଷକ ସେବା ସଂଗଠନ, ଗୁପ୍ତେଶ୍ୱର ପାଠାଗାର, ନେହେରୁ ସେବା ସଂଘ, ପରୀଡ଼ା ପାଠାଗାର, ସାହିତ୍ୟ ସିନ୍ଧୁରା ଆଦି ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ମାନେ ସାମିଲ ହୋଇ କବି କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କବିଙ୍କ "ଏଇ ଯେ ଦିଶୁଛି ଲାଲ୍‌ମାଟିର ଖୋର୍ଦ୍ଧା ଗଡ଼' କାଳଜୟୀ ପାଇକ କବିତା ଜନମାନସରେ ଉଜ୍ଜୀବିତ ହୋଇ ରହିଥିବ ବୋଲି ମତବ୍ୟକ୍ତ କରିଥିଲେ।

# କପିଳେଶ୍ୱର ମନ୍ଦିର ଉନ୍ନତି ପାଇଁ ବୈଠକ

ନିରାକାରପୁର,୧୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ପ୍ରଭୁ କପିଳେଶ୍ୱରଙ୍କ ପୀଠ ଚାରିପାଖ ଉନ୍ନତି ଓ ପୋଖରୀର ପୁନରୁଦ୍ଧାର କରାଯିବା ପାଇଁ ନିରାକାରପୁର ମଣ୍ଡଳ ସଭାପତି ପତି ଅଜୟ କୁମାର ପାଇକରାୟଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ରବୀନ୍ଦ୍ର ରାଉତରାୟ, ସନାତନ ବାରିକ, ଶୁଭମ୍ ଦାସ, ମାଧବ ପାଟ୍ଟଶାଣୀ, ଉମେଶ ପଟ୍ଟନାୟକ, ନୃସିଂହ ରାଉତରାୟ ଓ ପ୍ରଦୀପ୍ତ ଷଡଙ୍ଗୀ, ଅନ୍ତର୍ଯ୍ୟାମୀ ପାଇକରାୟ, ସଂଯୁକ୍ତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଗସ୍ରଷ୍ଟା ଥିଲେ ବ୍ୟାସକବି ଫକୀରମୋହନ

ଖୋର୍ଦ୍ଧା,୧୪।୧(ସମିସ): ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ବ୍ୟାସ କବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାଶ ଯୋଗଦେଇ ଫକୀରମୋହନଙ୍କୁ ଯୁଗସ୍ରଷ୍ଟା ଭାବେ ଅଭିହିତ କରିବା ସହ ଏହି ପୂଣ୍ୟତିଥିରେ ଆମ ଭାଷା, ଜାତି, ସଂସ୍କୃତି ଓ ସଭ୍ୟତାର ପୁନରୁଦ୍ଧାର ପାଇଁ ଯତ୍ନବାନ ହେବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ଯୋଗ ଦେଇ ଫକୀର ମୋହନ ଆଧୁନିକ ଗଦ୍ୟ ସାହିତ୍ୟର ଜନକ ଥିଲେ। ଓଡ଼ିଆ ସାହିତ୍ୟକୁ ତାଙ୍କର ଥିଲା ଅନନ୍ୟ ଦାନ। ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢି ତୋଳିଥିଲେ। ତାଙ୍କର ରେବତୀ, ରାଣ୍ଡି ପୁଅ ଅନନ୍ତା, ଡାକ ମୁନସି, ପେଟେଂଟ ମେଡିସିନ କାଳଜୟୀ ଗଳ୍ପ। ସେହିପରି ଛମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ ସର୍ବକାଳୀନ ସାହିତ୍ୟ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ଉପସଭାପତି ଡ. ବିମଳଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଅବସରରେ ଫକୀର ମୋହନଙ୍କ ଜନ୍ମ ହୋଇଥିବା ବେଳେ ୧୯୧୮ ମସିହା ଜୁନ ୧୪ ତାରିଖରେ ରଜ ସଂକ୍ରାନ୍ତି ଅବସରରେ ତାଙ୍କର ମୃତ୍ୟୁ ହୋଇଥିଲା। ତେଣୁ ତାଙ୍କୁ ସଂକ୍ରାନ୍ତି



ପୁରୁଷ ବୋଲି ମଧ ଜଣାଯାଏ। ଏଥିସହିତ ତାଙ୍କୁ ଓଡ଼ିଆ ଜାତିର ପିତା ତଥା ଆଧୁନିକ ଓଡ଼ିଆ ଭାଷାର ଜନକ ବୋଲି ମଧ ଧରାଯାଏ ବୋଲି କହିଥିଲେ।

ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଅଧିବକ୍ତା ବିଜୟ ସାମନ୍ତସିଂହାର, ସାମ୍ବାଦିକ ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖ ଫକୀରମୋହନଙ୍କ ଗଦ୍ୟ ରଚନାଶୈଳୀ, ଶିଶୁଉପଯୋଗୀ ରଚନା, ସମାଜକୁ ସଠିକ ରାସ୍ତାରେ ଆଗେଇବା ପାଇଁ ଶିକ୍ଷା, ଅସାମାଜିକ ଚରିତ୍ର ମାନଙ୍କୁ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିବାବେଳେ ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ମକର ଚାଉଳ ପ୍ରସାଦ ବିତରଣ କରିଥିଲେ।

# ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ, ୫ ଗିରଫ

ଜଟଣୀ,୧୪।୧(ସମିସ): ଜଟଣୀ- ଡେଲାଙ୍ଗ ରାସ୍ତାରେ ଡକାୟତି ଯୋଜନା କରୁଥିବା ୫ ଜଣ ଅଭିଯୁକ୍ତକୁ ମାଡ଼ି ବସିଲା ପୁଲିସ। ଏଥିରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିଛି। ସମସ୍ତ ଅଭିଯୁକ୍ତ ପେଶାଦାର ଅପରାଧୀ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଗ୍ରାମର ଜିତେନ୍ଦ୍ର ରାଉତରାୟ (୨୭), ରଥିପୁର୍ ଗ୍ରାମର ଅନସର ସାହା (୨୪), ଗଜପତିନଗର ଅଞ୍ଚଳର ସୁଜିତ୍ କୁମାର ବିଶ୍ୱାଳ (୩୧), ମାଛ ମାର୍କେଟ ବିବେକାନନ୍ଦ ସାହିର ଶ୍ୟାମସୁନ୍ଦର ବେହେରା (୩୧) ଓ ଲୋକୋକଲୋନୀ ରେଳପଥ ମେଡିକାଲ ନିକଟରେ ରହୁଥିବା ମନୋଜ ନାଏକ (୪୦) ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ପୁଲିସ ଏମାନଙ୍କ ଠାରୁ ଘଟଣା ସ୍ଥଳରୁ ୨ଟି ଖଣ୍ଡା, ଏକ ଛୁରା ସହିତ ଠେଙ୍ଗା, ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ ଏବଂ ଲଙ୍କା ଗୁଣ୍ଡ ପୁଡିଆ ଜବତ କରିଛି। ଗତ କାଲି ବିଳମ୍ବିତ ରାତିରେ ଜଟଣୀ ପଡେଲାଙ୍ଗ ରାସ୍ତାର ମାଣିଆ ଛକ ନିକଟରେ ଡକାୟତି ଯୋଜନା ପ୍ରସ୍ତୁତ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ସଦଳବଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ସମୟରେ ପୁଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ମାଡ଼ିବସିଥିଲା। ସମସ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ଜିତେନ୍ଦ୍ର ରାଉତରାୟ ନାମରେ ପୂର୍ବରୁ ଡକାୟତି ଓ ଅସ୍ତ୍ରଶସ୍ତ୍ର ଭିତ୍ତିକ ୩ଟି ଅପରାଧିକ ମାମଲା ରହିଥିବା ବେଳେ ଅନସର ସାହା ନାମରେ ପୂର୍ବରୁ ଡକାୟତି, ଚୋରୀ, ଆକ୍ରମଣ, ଅସ୍ତ୍ରଶସ୍ତ୍ର ଆଇନ ଉଲଂଘନ ଆଦି ୧୦ଟି ଗୁରୁତର ଅପରାଧିକ ମାମଲା ରହିଛି। ଅଭିଯୁକ୍ତ ସୁଜିତ୍ ବିଶ୍ୱାଳ ନାମରେ ୨ଟି ଅପରାଧିକ ମାମଲା ରହିଥିବା ବେଳେ ଶ୍ୟାମସୁନ୍ଦର ବେହେରା ଓ ମନୋଜ ନାଏକ ନାମରେ ମାମଲା ବିଚାରଧୀନ ରହିଛି।

# ଗଞ୍ଜେଇ ବୋଝେଇ କାର ଜବତ; ଜଣେ ଗିରଫ

ଖୋର୍ଦ୍ଧା,୧୪।୧(ସମିସ): ଖୋର୍ଦ୍ଧା ସଦର ଅବକାରୀ ଟିମ୍ ପକ୍ଷରୁ ୧୬ନଂ ଜାତୀୟ ରାଜପଥର ମଳିପଡା ଛକ ପୂର୍ବ ଓଭରବ୍ରିଜ ନିକଟରୁ ଏକ ଗଞ୍ଜେଇ ବୋଝେଇ କାର କୁ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ଟିମ୍ ବେଗୁନିଆ ଥାନା କାଚରା ର ସୁଶାନ୍ତ କୁମାର ସାହୁ (୩୯) କୁ ଗିରଫ କରିଛି। ତାଙ୍କ ନିକଟରୁ ୧୪୦କେଜି ଗଞ୍ଜେଇ ଓ ଚାଲାଣ ରେ ବ୍ୟବହୃତ କାର (ନଂ-ଏପି-୩୦ଏପି-୫୨୪୦) କୁ ଜବତ କରିଛି। ଏନେଇ ଅବକାରୀ ଟିମ୍ ୨୫୯/୨୬ରେ ଏକ ମାମଲା ରୁଜୁ କରି ସୁଶାନ୍ତକୁ କୋର୍ଟ ଚାଲାଣ କରିଛି।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୪।୧(ସମିସ): ଖୋର୍ଦ୍ଧା ଅବକାରୀ ମୋବାଇଲ ଟିମ୍ ଗୁରୁଜଙ୍ଗ ରାସ୍ତାପାଶ୍ୱର୍ ନାଗମାତା ମନସାଦେବୀଙ୍କ ମନ୍ଦିର ନିକଟରୁ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଗୁରୁଜଙ୍ଗ ଭୋଇସାହି ର ଉପେନ୍ଦ୍ର ଭୋଇ (୫୬)। ତାଙ୍କ ଠାରୁ ମୋବାଇଲ ଟିମ୍ ୧୧୫ଗ୍ରାମ ବ୍ରାଉନସୁଗର ଓ ଏକ ସ୍କୁଟିକୁ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଫେରାର ରହିଥିବାବେଳେ ତାକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ମୋବାଇଲ ଟିମ୍ ପକ୍ଷରୁ କୁହାଯାଇଛି।

# ବ୍ରାଉନସୁଗର୍ ଜବତ, ଅଭିଯୁକ୍ତ ଗିରଫ

ଜଟଣୀ, ୧୪।୧(ସମିସ): ଜଟଣୀ ଥାନା ଅନ୍ତର୍ଗତ ମୁଣ୍ଡିଆ ସାହି ପଡ଼ିଆରେ ବ୍ରାଉନସୁଗର୍ ବିକ୍ରି କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ବେପାରୀ ହେଲା ବାଲିକଛକ ମୁଣ୍ଡିଆ ସାହିର ଏସ କେ ସହାୟୁଦ୍ଦିନ୍ (୧୯)। ତା ନିକଟରୁ ପୁଲିସ ୧୨ଗ୍ରାମର ବ୍ରାଉନସୁଗର୍ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ କିଛି ମାସ ହେଲା ଜଟଣୀ ମୁଣ୍ଡିଆ ସାହି ଶ୍ମଶାନ ପଡ଼ିଆରେ ଅଭିଯୁକ୍ତ ବ୍ରାଉନସୁଗର୍ ବିକ୍ରି କରି ଆସୁଥିଲା। ଏ ନେଇ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ ପରେ ଆଜି ଥାନାର ଏକ ଟିମ୍ ଅତର୍କିତ ଚଢ଼ଉ କରି ଘଟଣାସ୍ଥଳରୁ ଅଭିଯୁକ୍ତକୁ କାବୁ କରିଥିଲା ପୁଲିସ। ଯାଞ୍ଚ ସମୟରେ ତା ନିକଟରୁ ବ୍ରାଉନସୁଗର୍ ଜବତ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ଅନ୍ୟପଟେ ଅଭିଯୁକ୍ତ ଜଣେ ପେଷାଦାର ଅପରାଧୀ ହୋଇଥିବା ବେଳେ ପୂର୍ବରୁ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଓ ଜଟଣୀ ଥାନାରେ ସମାନ କେସ ରହିଥିବା ଜଣାପଡ଼ିଛି।

# ବ୍ରାଉନସୁଗର ସହ ବନ୍ଧୁକ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୪।୧(ସମିସ): ବୋଲଗଡ ପୁଲିସ ବାଙ୍କୋଇ ଫାଣ୍ଡି ନିକଟରୁ ଆଜି ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ମାଣିକପୁରର ଲିପୁ ଜେନା ଓରଫ୍ ଗୁଡ୍ଡୁ (୨୩)। ତା ନିକଟରୁ ପୁଲିସ ୫୨ଗ୍ରାମ ବ୍ରାଉନସୁଗର ସମେତ ଗୋଟିଏ ୭ଏମ୍ଏମ୍ ଦେଶୀ ପିସ୍ତଲ, ୩ରାଉଣ୍ଡ ଜୀବନ୍ତ ଗୁଳି, ନଗଦ ୧୧ହଜାର ଟଙ୍କା, ଏକ ବାଇକ ଓ ମୋବାଇଲ କୁ ପୁଲିସ ଜବତ କରିଛି ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି କହିଛନ୍ତି। ଗୁଡ୍ଡୁ ରାଜସୁନାଖଳା ଦିଗରୁ ବ୍ରାଉନସୁଗର ନେଇ ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବା ଲାଗି ଏସ୍‌ପି ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ବୋଲଗଡ଼ ଥାନା ଅଧିକାରୀ ସୁକାନ୍ତ ଦଳାଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ହାଡ୍ଡୁବନ୍ଧୁ ଦାଶଙ୍କ ନେତୃତ୍ୱରେ ଏହି ଟିମ୍ ଆଜି ବାଙ୍କୋଇ ଫାଣ୍ଡି ନିକଟରେ ସମସ୍ତ ଗାଡି ଗୁଡିକର ଯାଂଚ କରୁଥିଲେ। ଦିନ ପ୍ରାୟ ସାଢେ ଗୋଟେ ସମୟରେ ଗୁଡ୍ଡୁ ର ବାଇକ କୁ ଯାଂଚବେଳେ ପୁଲିସର ସନ୍ଦେହ ହୋଇଥିଲା ତା ଉପରେ। ତେଣୁ ବାଇକ ଆରୋହୀ ଗୁଡ୍ଡୁ ପିଠିରେ ପକାଇଥିବା ବ୍ୟାଗ୍ କୁ ପୁଲିସ ଯାଂଚ କରିଥିଲା। ଏହି ସମୟରେ ସେଥିରୁ ବ୍ରାଉନସୁଗର, ଦେଶୀ ତିଆରି ୭ ଏମଏମ ପିସ୍ତଲ୍ ସହ ତିନୋଟି ଗୁଳି, ନଗଦ ୧୧ହଜାର ଟଙ୍କା ପୁଲିସ ଜବତ କରିଥିଲା। ଜବତ ବ୍ରାଉନସୁଗରର ମୂଲ୍ୟ ୫ଲକ୍ଷ ୨୦ହଜାର ହେବ। ଏ ନେଇ ଏସଆଇ ଶ୍ରୀ ଦାଶଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଗୁଡ୍ଡୁ କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଅତିରିକ୍ତ ଏସ୍‌ପି ଶ୍ରୀ ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ବୋଲାଗଡ଼ ଥାନା ଅଧିକାରୀ ସୁକାନ୍ତ ଦଳାଇ, ଏସ୍‌ଆଇ ହାଡ୍ଡୁବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତଥିଲେ।

# ଘଣ୍ଟଶିଳା ପାହାଡ଼ରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବାଣପୁର/ଗମ୍ଭାରୀମୁଣ୍ଡା,୧୪।୧(ସମିସ) : ବାଣପୁରର ପ୍ରସିଦ୍ଧ ଘଣ୍ଟଶିଳା ପାହାଡ଼ରେ ବିରାଜମାନ ମହାବୀର ହନୁମାନଙ୍କ ପୀଠରେ ବୁଧବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ମକର ମେଳା ଉତ୍ସବ ସମାରୋହରେ ଅନୁଷ୍ଠିତ ହେଉଛି। ଏପରି ସ୍ଥଳେ ପାହାଡର ସବୁଜ ବନାନୀରେ ନିଆଁ ଲଗାଇ ଦେବା ପରି ଏକ ଅଭାବନିୟ ଘଟଣା ସ୍ଥାନୀୟ ଜନସାଧାରଣ ଓ ପ୍ରକୃତି ପ୍ରେମୀଙ୍କୁ ବ୍ୟଥିତ କରିଛି।

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଘଣ୍ଟଶିଳା ପାହାଡ଼ ସ୍ଥିତ ମହାବୀରଙ୍କ ପୀଠରେ ମକର ମେଳା ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ପାହାଡ଼ ଉପରେ ଚଢିବାର ମଜା ନେଇ ସମଗ୍ର ବାଣପୁର ସହରକୁ ଦର୍ଶନ କରିବା ସହ ପ୍ରକୃତିକୁ ଉପଭୋଗ କରିବା ପାଇଁ ଲୋକଙ୍କ ଭିଡ ଲାଗି ରହିଥିଲା। ଅନ୍ୟପକ୍ଷେ ବିଭିନ୍ନ ଔଷଧିୟ ବୃକ୍ଷ, ଜଡି ବୁଟି ସମେତ ବିଭିନ୍ନ ଦୁର୍ଲଭ ବୃକ୍ଷ ଆଦି ସବୁଜ ବନାନୀରେ ପରିପୂର୍ଣ୍ଣ ଘଣ୍ଟଶିଳା ପାହାଡ଼ଟି ପ୍ରକୃତି କୁ ସନ୍ତୁଳିତ ରଖିବା ସହ ସରୀସୃପ, ଜଙ୍ଗଲୀ ପଶୁ ପକ୍ଷୀମାନଙ୍କ ଆଶ୍ରୟ ସ୍ଥଳ ହୋଇଥିବା ବେଳେ ପାହାଡ଼ ପାଦ ଦେଶରେ ବସବାସ କରୁଥିବା ବାସିନ୍ଦାଙ୍କ ସହଯୋଗରେ ବୃକ୍ଷ ଲତାରେ ଭରପୁର ହୋଇ ପାହାଡଟି ସୌନ୍ଦର୍ଯ୍ୟମୟ ହୋଇଛି। ତେବେ ବୁଧବାର କିଛି ଦୁର୍ବୃତ୍ତ



ଉକ୍ତ ପାହାଡ଼ର ବିଭିନ୍ନ ସ୍ଥାନରେ ନିଆଁ ଲଗେଇ ଦେବା ଫଳରେ ମକର ମେଳା ଉତ୍ସବ ସ୍ଥଳର ଅନତି ଦୂର ପାହାଡ଼ରେ ନିଆଁ ଲଗାଇ ଦେବାରେ ପାହଡରେ ଥିବା ବୁଦା, ବୃକ୍ଷ ଲତା ହୁତୁ ହୁତୁ ହୋଇ ଜାଳିବାରେ ଲାଗିଛି। ନିଆଁ ଲାଗିଯିବା ଫଳରେ ଆଖପାଖ ଅଞ୍ଚଳ ଧୂଆଁ ମୟ ହୋଇପଡିଛି। ତେବେ ପୀଠରେ ଏତେ ବଡ଼ ମେଳା ଚାଲୁଥିବା ସହ ପାହାଡରେ ହୁତୁ ହୁତୁ ହୋଇ ନିଆଁ ଜଳୁଥିବା ବେଳେ ଜଙ୍ଗଲ ବିଭାଗର କୌଣସି କର୍ମଚାରୀ ନଥିବା ସହ ନିଆଁ ଲଗାଇ ବାକୁ ବାରଣ କରି ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାହାର ଦେଖା ନଥିବା ଦେଖାବାକୁ ମିଳିଛି। ପ୍ରଶାସନ ଜଦି ଯଥାଶୀଘ୍ର ନିଆଁ ଲିଭାଇବାକୁ କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ ତେବେ କିଛି ଦିନ ମଧ୍ୟରେ ସମଗ୍ର ପାହାଡ଼ର ସବୁଜ ବନାନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ଜଙ୍ଗଲ ପୋଡି ପାଉଁଶ ହୋଇ ଯିବାକୁ ଏଡ଼ାଯାଇ ନ ପାରେ।

